ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରଗୁଡିକ ଦୀର୍ଘ ବର୍ଷ ଧରି ନା ନା ସମସ୍ୟା ଘେରରେ ରହିଛି। ଏହାର ସମାଧାନ ଦିଗରେ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସ୍ଥାନୀୟ ଅଧିବାସୀ ନାନା ସମସ୍ୟା ଭୋଗୁଛନ୍ତି। ଏହାକୁ ନେଇ ସଂପୃକ୍ତ ଅଙ୍ଗନବାଡ଼ି କେନ୍ଦ୍ରର କର୍ମୀମାନେ କରୁଆଁଝର ପଞ୍ଚାୟତରେ ଗତ ସୋମବାର ଅନୁଷ୍ଠିତ ହୋଇଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ ପତ୍ର ଦାଖଲ କରିଥିବା ଦେଖା ଯାଇଥିଲା। ଅଭିଯୋଗ ପତ୍ର ପାଇ ଶିବିରରେ ଉପସ୍ଥିତ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ ଏବଂ ସିଡ଼ିପିଓ ଅମିତାରାଣୀ ପଣ୍ଡା ଉକ୍ତ କେନ୍ଦ୍ରଗୁଡିକ ପରିଦର୍ଶନରେ ଯାଇ ସମସ୍ୟା ଅନୁଧ୍ୟାନ କରି ଫେରିଥିବା ଜଣାପଡ଼ିଛି। କରୁଆଁଝର–୨ କେନ୍ଦ୍ରର ନିଜସ୍ୱ କେନ୍ଦ୍ର ଗୃହ ନାହିଁ। ସେହିପରି ପାଲିପଡ଼ା ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନ ଥିବାରୁ ଗାଁରେ ଥିବା ପମ୍ପ ହାଉସରେ ଏହି କେନ୍ଦ୍ର ଚାଲିଛି । ସାନଗୁର୍ଜିଭଟା ଗ୍ରାମରେ ବିଗତ ଦୁଇ ବର୍ଷ ହେବ ଅଙ୍ଗନୱାଡ଼ି କେନ୍ଦ୍ର ଗୃହ ନିର୍ମାଣ ଚାଲୁଥିଲେ ମଧ୍ୟ ଅଦ୍ୟାବଧି ସମ୍ପୂର୍ଣ୍ଣ ହୋଇନାହିଁ। କରୁଆଁଝର–୧ କେନ୍ଦ୍ର ନୂଆ ଭାବେ ନିର୍ମାଣ ହୋଇଛି। ହେଲେ ଅଙ୍ଗନୱାଡ଼ି କର୍ମୀଙ୍କୁ ବର୍ତ୍ତମାନ ପର୍ଯ୍ୟନ୍ତ ଗୃହ ହସ୍ତାନ୍ତର କରାଯାଇ ନାହିଁ। ହସ୍ତାନ୍ତର ହେବା ପୂର୍ବରୁ ଉକ୍ତ କେନ୍ଦ୍ର ଗୃହର କାନ୍ଥ ଫାଟିବା ସହ ଫ୍ଲୋରର ଫାଟି ଗଲାଣି। ମସିଣା ଏବଂ ଝଲିଆଲିଟି ଅଙ୍ଗନବାଡ଼ି କେନ୍ଦ୍ରରେ ପାନୀୟ ଜଳ ସମସ୍ୟା ଲାଗି ରହିଛି। କେତେକ ଅଙ୍ଗନୱାଡ଼ି କର୍ମୀ ଲୋକଙ୍କ ବାରଣ୍ଡା ତଥା ବେଦୀ ମଣ୍ଡପଗୁଡିକରେ ପ୍ରି–ସ୍କୁଲ ଠାରୁ ଆରମ୍ଭ କରି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି। ଏବେ ବର୍ଷା ଋତୁ ଆସୁଥିବାରୁ କାମ କେମିତି କରାଯିବ କର୍ମୀମାନେ ସେହି ଚିନ୍ତାରେ ରହିଛନ୍ତି। ବ୍ଲକ ପ୍ରଶାସନ ଯଥାଶୀଘ୍ର ସମସ୍ୟାର ସମାଧାନ କରିବା ପାଇଁ ସାଧାରଣରେ ଦାବି ହେଉଛି।

# ଅସହାୟ ସୁରେଖାଙ୍କୁ ମିଳିବ ସରକାରୀ ସହାୟତା

କଟକ,୪।୬(କାର୍ତ୍ତିକ ସାହୁ)




ବିଚାରପତି ସଙ୍ଗମ କୁମାର ସାହୁ ବଲାଙ୍ଗୀର ପ୍ରଶାସନିକ ଅଧିକାରୀମାନଙ୍କ ସହ ଆଭାସି ମାଧ୍ୟମରେ ଆଲୋଚନା କରୁଛନ୍ତି।

ରାଜ୍ୟ ଆଇନସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷ ତଥା ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଗତ ୨ତାରିଖରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ‘ଭଡ଼ା ଯନ୍ତ୍ରଣା: ୩ କିମି ଘୁସୁରି ଘୁସୁରି ଗଲେ ବୃଦ୍ଧା’କୁ ନେଇ ତତ୍ପରତା ପ୍ରକାଶ କରିଛନ୍ତି। ବିଚାରପତି ଏହି ଖବର ସମ୍ବନ୍ଧରେ ବଲାଙ୍ଗୀର ଜିଲା ଦୌରାଜଜ୍ ପବିତ୍ର ମୋହନ ସାମଲ, ଜିଲାପାଳ ଗୌରବ ଶିବାଜୀ ଇସ୍‌ଲୱାରଙ୍କ ସମେତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲା ଆଇନ ସେବା ପ୍ରାଧିକରଣ ସଚିବ, ପାଟଣାଗଡ଼ ତାଲୁକ ଆଇନ୍ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧକ୍ଷ ଏବଂ ପାଣ୍ଡେସରା ଗ୍ରାମର ପୀଡ଼ିତା ବୃଦ୍ଧା ସୁରେଖା ନାଗଙ୍କ ସହ ଆଭାସୀ ମାଧ୍ୟମରେ ବୁଧବାର ଆଲୋଚନା କରି ତାଙ୍କୁ ସରକାରୀ ସହାୟତା ଯୋଗାଇଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

ଆଲୋଚନା ବେଳେ ବଲାଙ୍ଗୀର ଜିଲାପାଳ ଇସଲୱାର ପୀଡ଼ିତାଙ୍କୁ ଏକ ହଜାର ଟଙ୍କା ତାଙ୍କ ବାସଗୃହରେ ଦିଆଯାଇଥିବା ଏବଂ ସେ ସର୍ବମୋଟ ୩ହଜାର ଟଙ୍କା ଭତ୍ତା ପାଇଁ ଯୋଗ୍ୟ ବୋଲି ବିଚାରପତିଙ୍କୁ ଅବଗତ କରାଇଥିଲେ। ବିଚାରପତି ଆଭାସୀ ମାଧ୍ୟମରେ ପୀଡ଼ିତା ବୃଦ୍ଧାଙ୍କ ବାସଗୃହ ଦୁରବସ୍ଥା ଦେଖି ଅନ୍ତ୍ୟୋଦୟ ଯୋଜନାରେ ଏକ ବାସଗୃହ ବ୍ୟବସ୍ଥା ସହ ବର୍ତ୍ତମାନ ବର୍ଷାଋତୁକୁ ନଜରରେ ରଖି ପଲିଥିନ୍ ଯୋଗାଇ ଦେବା ପାଇଁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଜିଲାପାଳ ସମ୍ପୃକ୍ତ ବୃଦ୍ଧାଙ୍କୁ

## ରାଜ୍ୟ ଆଇନସେବା ପ୍ରାଧିକରଣ କାର୍ଯ୍ୟନିର୍ବାହୀ ଅଧକ୍ଷଙ୍କ ନିର୍ଦ୍ଦେଶ

ସରକାରୀ ଯୋଜନା ଅନୁଯାୟୀ ୩୫ କିଲୋର ଖାଦ୍ୟ ସାମଗ୍ରୀ, ଏକ ତିନିଚକିଆ ସାଇକେଲ୍, ଆବଶ୍ୟକ ସ୍ୱାସ୍ଥ୍ୟସେବା ତୁରନ୍ତ ଯୋଗାଇ ଦିଆଯିବା ସମ୍ବନ୍ଧରେ ଅବଗତ କରାଇଥିଲେ। ଅଧିକାର ମିତ୍ର ବନମାଳୀ କୁମ୍ଭାର ବର୍ଷା ସତ୍ତ୍ୱେ ପାଣ୍ଡେସରା ଗ୍ରାମରେ ପହଞ୍ଚି ପୀଡ଼ିତାଙ୍କୁ ଆଭାସୀ ମାଧ୍ୟମରେ ସିଧାସଳଖ ଯୋଗାଯୋଗ କରାଇଦେଇଥିବାରୁ ବିଚାରପତି ତାଙ୍କର ବିଭିନ୍ନ ଅସୁବିଧା ସମ୍ପର୍କରେ ଜାଣିପାରିଥିଲେ। ସେ ନିକଟସ୍ଥ ବୃଦ୍ଧାଶ୍ରମରେ ସାମୟିକ ଭାବେ ରହିବାକୁ ସମ୍ମତି ପ୍ରକାଶ କରିଥିଲେ। ଏନେଇ ତ୍ୱରିତ୍ ପଦକ୍ଷେପ ନେବା ସହ ତାଙ୍କର ନିୟମିତ ବ୍ୟବଧାନରେ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣା ଔଷଧ ଯୋଗାଇବା ପାଇଁ ଜିଲାପାଳଙ୍କୁ ବିଚାରପତି ନିର୍ଦ୍ଦେଶ ଦେଇଛନ୍ତି। ବୃଦ୍ଧାଙ୍କୁ ଆୟୁଷ୍ମାନ ଯୋଜନା ଏବଂ ରାଶନ କାର୍ଡ ପ୍ରଦାନ ପାଇଁ ତାଲିକାଭୁକ୍ତ କରାଯାଇଥିବା ଜିଲାପାଳ ଜଣାଇଥିଲେ। ଆବଶ୍ୟକୀୟ ଅନ୍ୟ ସରକାରୀ ସୁବିଧା ଯୋଗାଇ ଦେବାକୁ ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ବୃଦ୍ଧାଙ୍କ କେହି ସମ୍ପର୍କୀୟ ନ ଥିବା ବିଚାରପତି ଜାଣିବା ପରେ ସୁରକ୍ଷା ଦୃଷ୍ଟିକୋଣରୁ ଭତ୍ତା ବାବଦରେ ମିଳୁଥିବା ନଗଦ ରାଶି ନିକଟସ୍ଥ ବ୍ଲକ୍ ଅଧିକାରୀ କିମ୍ବା କୌଣସି ଅଧିକାରୀ ମିତ୍ରଙ୍କ ମାଧ୍ୟମରେ ଉପଲବ୍ଧ କରାଇବାକୁ ଜିଲାପାଳ ଏବଂ ଜିଲା ଦୌରାଜଜ୍‌ଙ୍କୁ ପରାମର୍ଶ ଦେଇଥିଲେ। ବଲାଙ୍ଗୀର ଜିଲାରେ ଅନ୍ୟ ହିତାଧିକାରୀଙ୍କୁ ଉପଯୁକ୍ତ ସରକାରୀ ସହଯୋଗ ପ୍ରଦାନ କରିବାକୁ ବିଚାରପତି ପରାମର୍ଶ ଦେଇଥିଲେ। ଉକ୍ତ ଆଭାସୀ ବୈଠକରେ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବ, ଉପସଚିବ ଏବଂ ସହସଚିବଙ୍କ ସହ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ଗତ ମାସରେ ଗଣମାଧ୍ୟମରେ ପ୍ରକାଶିତ ଖବର ଆଧାରରେ କେନ୍ଦ୍ରାପଡ଼ା ଜିଲା କୋରା ଗ୍ରାମର ଶ୍ରୀଧର ସାହୁଙ୍କୁ ମଧ୍ୟ ସହାୟତା ଯୋଗାଇ ଦେବାକୁ ବିଚାରପତି ନିର୍ଦ୍ଦେଶ ଦେଇଥିଲେ।

# ୬ଟି ଜଳଯୋଗାଣ ପ୍ରକଳ୍ପ ଉଦଘାଟିତ



କାଦୋପାଣି ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଉପମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

ଖପ୍ରାଖୋଲ,୪।୬(ଅଭୟ ତ୍ରିପାଠୀ)

## ଉପମୁଖ୍ୟମନ୍ତ୍ରୀଙ୍କ ଖପ୍ରାଖୋଲ ବ୍ଲକ ଗସ୍ତ

ମଙ୍ଗଳବାର ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଖପ୍ରାଖୋଲ ବ୍ଲକ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ ପ୍ରଥମେ ବାଘମୁଣ୍ଡ ପଞ୍ଚାୟତ କାଦୋପାଣି ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଲୁହାସିଂହା ପଞ୍ଚାୟତ କୁସୁମକାନି ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଖପ୍ରାଖୋଲ ପଞ୍ଚାୟତ ଭେଲୁଆଁଖୋଲ ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ତେଲେନପାଲି ପଞ୍ଚାୟତ ଘୁଚାପାଲି ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ମାଳପଡା ପଞ୍ଚାୟତ ଫୁଲଝର ଗାଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଓ ବେନ୍ଦେର ପଞ୍ଚାୟତ ଭରୁଆମୁଣ୍ଡ ଗାଁର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିଥିଲେ। ଏହାଛଡା ଏକ ପେଡ ମା’ କେ ନାମ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ୫ ଟି ଲେଖାଏ ଚାରା ରୋପଣ କରିଥିଲେ। ଗସ୍ତ ଅବସରରେ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରୋପ୍ୟ ରଞ୍ଜନ ବେହେରା,ପାଟଣାଗଡ ଉପଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୂଝାରୀ,ଖପ୍ରାଖୋଲ ବିଡ଼ିଓ ବିବେକାନନ୍ଦ ଷଡ଼ଙ୍ଗୀ, ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଲୋକସଭା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ କୁମାର ଭାଇଁସାଲ, ବାଘମୁଣ୍ଡ ସରପଞ୍ଚ ଦେବାଶିଷ ସାହୁ, ଲୁହାସିଂହା ସରପଞ୍ଚ ମୁନା ପୁରୋହିତ, ମାଳପଡ଼ା ସରପଞ୍ଚ ଗୋପାଳ ମେହେର, ବେନ୍ଦେର ସରପଞ୍ଚ ସସ୍ମିତା ମାଝୀ ଅତିଥି ଭାବେ ଯୋଗଦେଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରବୋଧାନନ୍ଦ ପାଣିଗ୍ରାହୀ, ମୁନା ଦରୁଆନ, ସୁରୁ ସିଂ ନିନା, ଉମାକାନ୍ତ ପ୍ରଧାନ, ବିକାଶ ବେହେରା, ରୋହିତାସ ଅଗ୍ରୱାଲ, ଉପେନ୍ଦ୍ର ଭୋଇ, ସତ୍ୟ ପଣ୍ଡା, ରବି ସାହୁ, ପ୍ରଶାନ୍ତ ମେହେରଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ,ଦଳୀୟ କାର୍ଯ୍ୟକର୍ତ୍ତା ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଲକ୍ଷେଘର ଗଣ୍ଡା ସମାଜ ବୈଠକ

ଲୋଇସିଂହା,୪।୬(ସୁଶାନ୍ତ ବାରିକ)

ବୁଧବାର ଲୋଇସିଂହା ବ୍ଲକ ବାଦୀମୁଣ୍ଡାରେ ଲକ୍ଷେଘର ଗଣ୍ଡା ସମାଜର ଲୋଇସିଂହା ବ୍ଲକସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପେନ୍ଦ୍ର ଛତ୍ରିଆଙ୍କ ଅଧକ୍ଷତାରେ ହୋଇଥିବା ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବେ ବଲାଙ୍ଗୀର ଜିଲା ସଭାପତି ସତ୍ୟାନନ୍ଦ ସୁନା ଯୋଗଦେଇ ସମାଜର ସାମାଜିକ, ଅର୍ଥନୈତିକ, ରାଜନୈତିକ, ସାଂସ୍କୃତିକ ପରିବର୍ତ୍ତନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ବୁଦ୍ଧ, ବାବାସାହେବ ଆମ୍ବେଡକରଙ୍କ ବିଚାର, ନୀତି ଓ ଆଦର୍ଶ ଉପରେ କାର୍ଯ୍ୟ କରିବା,ସମାଜରେ ଥିବା ଅସମାନତା, ଛୁଆଅଛୁଆଁ ଭେଦଭାବ ଉପରେ କାର୍ଯ୍ୟ କରିବା, ସମାଜର ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ପ୍ରୋତ୍ସାହିତ କରିବା ଲାଗି ପ୍ରସ୍ତାବ ଆଗତ କରାଯାଇ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏହି ଅବସରରେ ନବନିର୍ବାଚିତ ଅନନ୍ତ କଲେତଙ୍କୁ ଲୋଇସିଂହା ବ୍ଲକ ଲକ୍ଷେଘର ଗଣ୍ଡା ସମାଜର ସଭାପତି ଭାବେ ଜିଲା ସଭାପତି ସୁନା ଦାୟିତ୍ୱ ପ୍ରଦାନ କରିଥିଲେ। ଉପସଭାପତି ଭାବେ ଲମ୍ବୋଦର ତାଣ୍ଡି, ସମ୍ପାଦକ ବିର କୁମ୍ଭାର, ସହସମ୍ପାଦକ ସଚିତା ଜାଲ, କୋଷାଧକ୍ଷ ଭାବେ ଲଳିତ ବାଗ, ୩୩ ନଂ ଜୋନ ସଭାପତି ଭାବେ ଶଙ୍କର ନନ୍ଦ ଏବଂ ୩୪ ନଂ ଜୋନ ସଭାପତି ଭାବେ ସୁନୀଲ ଦୀପଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଉକ୍ତ ବୈଠକରେ ଲୋଇସିଂହା ବ୍ଲକ ବିଭିନ୍ନ ପଞ୍ଚାୟତର ସଭ୍ୟ ଉପସ୍ଥିତ ରହି ନିଜ ନିଜର ମତାମତ ଦେଇଥିଲେ । ଅଶୋକ ବାରିକ ଧନ୍ୟବାଦ ଦେଇଥିଲେ ।

# ଏକ ଦେଶ ଏକ ନିର୍ବାଚନ ପାଇଁ ଜିଲାସ୍ତରୀୟ କର୍ମଶାଳା

ବେଲପଡା,୪।୬(ମନୋଜ କୁମାର ମିଶ୍ର)

ବଲାଙ୍ଗୀର ଜିଲା ଭାଜପା ତରଫରୁ ଏକ ଦେଶ ଏକ ନିର୍ବାଚନ ପାଇଁ ଜିଲାସ୍ତରୀୟ କର୍ମଶାଳା ବେଲପଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସଭାଗୃହଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଜିଲା ଭାଜପା ସଭାପତି ଶ୍ରୀବତ୍ସ ବେହେରାଙ୍କ ଆବାହକତ୍ୱରେ ଏହି କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମର ସଂଯୋଜକ ଯଜ୍ଞେଶ୍ୱର ବାବୁ , ବରିଷ୍ଠ ଭାଜପା ନେତା ଗୋପାଳ ଜୀ ପାଣିଗ୍ରାହୀ, ଏମ୍‌ପିଙ୍କ ପ୍ରତିନିଧି କୁନୁ ମୁଣ୍ଡା,ବିଧାୟକଙ୍କ ପ୍ରତିନିଧି ତନ୍ମୟ ଦାସ ମଞ୍ଚାସୀନ ରହିଥିଲେ। ମୁଖ୍ୟବକ୍ତା ଭାବରେ ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟର ଅଧ୍ୟାପକ ସୁଦାମ ଚରଣ ମହାପାତ୍ର ଯୋଗଦେଇ ଏକ ଦେଶ ଏକ ନିର୍ବାଚନ ହେଲେ ଦେଶର ଆର୍ଥିକ ବିକାଶ ଓ ସମୟର ସଦ୍‌ଉପଯୋଗ ହୋଇପାରିବ ବୋଲି କହିଥିଲେ। ସେହିପରି ବରିଷ୍ଠ ଭାଜପା ନେତା ପାଣିଗ୍ରାହୀ ଓ ଯଜ୍ଞେଶ୍ୱର ବାବୁ ଏକ ଦେଶ ଏକ ନିର୍ବାଚନର ଲାଭ ସମ୍ପର୍କରେ ଗ୍ରାମାଞ୍ଚଳ ତଥା ନିଜ ନିଜ ଅଞ୍ଚଳରେ ପ୍ରଚାର , ପ୍ରସାର କରିବା ତଥା ଲୋକଙ୍କୁ ବୁଝାଇବା ପାଇଁ ଅନୁରୋଧ କରିଥିଲେ। କର୍ମଶାଳାରେ ବଲାଙ୍ଗୀର ଜିଲାର ବିଭିନ୍ନ ବ୍ଲକରୁ ଭାଜପା କର୍ମକର୍ତ୍ତାଙ୍କ ସମେତ ସ୍ୱେଚ୍ଛାସେବୀ ଓ ବେଲପଡା ଅଞ୍ଚଳର ଜନସାଧାରଣ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଓକିଲ ଶ୍ରୀମତ ପାଣିଗ୍ରାହୀ ପରିଚାଳନା କରିଥିଲେ। ଶେଷରେ ଏମ୍‌ପିଙ୍କ ପ୍ରତିନିଧି କୁନୁ ମୁଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ରାହ୍ମଣ ମହାସଭାର କାର୍ଯ୍ୟକାରୀ ବୈଠକ



ବୈଠକରେ ଉପସ୍ଥିତ ସଦସ୍ୟ।

ବଲାଙ୍ଗୀର,୪।୬(ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ବ୍ରାହ୍ମଣ ମହାସଭା ପକ୍ଷରୁ ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପ୍ରାଙ୍ଗଣରେ ବ୍ରାହ୍ମଣ ସମାଜ ସଭାପତି ଗୋପବନ୍ଧୁ ପୁରୋହିତଙ୍କ ସଭାପତିତ୍ୱରେ କାର୍ଯ୍ୟକାରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ରାହ୍ମଣ ମହାସଭା ୨୦୨୫ର ସ୍ମରଣିକା ପ୍ରସ୍ତୁତି, ପର୍ଶୁରାମ ଜୟନ୍ତୀ ୨୦୨୫ର ଆୟବ୍ୟୟ ବିବରଣୀ, ନୂତନ ସଭ୍ୟ ସଂଗ୍ରହର ତାରିଖ ନିର୍ଦ୍ଧାରଣ, ବ୍ରାହ୍ମଣ ସମାଜ ସଭ୍ୟ ତାଲିକା ପ୍ରସ୍ତୁତି ଓ ବ୍ରାହ୍ମଣ ସଭ୍ୟଙ୍କ ପାଇଁ ପରିଚୟ ପତ୍ରର ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ବୈଠକରେ ସମାଜର ଉପଦେଷ୍ଟା ନୀଳମଣି ମିଶ୍ର, ବରିଷ୍ଠ ସଭ୍ୟ ଗିରିଧାରୀ ଶତପଥୀ, ଶ୍ୟାମ ସୁନ୍ଦର ଦାଶ, ଲକ୍ଷ୍ମୀ ପ୍ରସାଦ ଚାନ୍ଦ, ଶୁଭେନ୍ଦ୍ର ନେପାକ, ପୁରୁଷୋତ୍ତମ ପଣ୍ଡା, ଶିବ ଶଙ୍କର ଖୁଆସ, ଜଗନ୍ନାଥ ଷଡଙ୍ଗୀ, ସଂକୀର୍ତ୍ତନ ତ୍ରିପାଠୀ ଯୋଗ ଦେଇଥିଲେ। ଯୁଗ୍ମ ସମ୍ପାଦକ ନେପାକ ଧନ୍ୟବାଦ ଦେଇଥିଲେ।

# ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଚିଠି ଖୋଲି ଦେଲା ନିଯୁକ୍ତି ଅନିୟମିତତା

ଲୋଇସିଂହା,୪।୬(ସୁଶାନ୍ତ ବାରିକ)

## ଲୋଇସିଂହା କଲେଜ

## ହରଡ଼ ଘଣାରେ ପ୍ରାଧ୍ୟାପକ, କନିଷ୍ଠ ଗ୍ରନ୍ଥାଗାରିକ

ରାଜ୍ୟ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ୪୮୮ ଓ ୬୬୨ ବର୍ଗ କଲେଜରେ କାର୍ଯ୍ୟରତ କର୍ମଚାରୀଙ୍କୁ ବ୍ଲକ ଗ୍ରାଣ୍ଟ ଅନୁଦାନ ପ୍ରଦାନ କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି କ୍ରମରେ ଗତ ମାର୍ଚ୍ଚ ମାସରେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରୁ ବେସରକାରୀ ଅନୁଦାନପ୍ରାପ୍ତ କଲେଜ ଅଧକ୍ଷମାନଙ୍କୁ ଚିଠି କରାଯାଇ କଲେଜର ଯୋଗ୍ୟ କର୍ମଚାରୀଙ୍କ ସମସ୍ତ ତଥ୍ୟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚିଠି ବଲାଙ୍ଗୀର ଜିଲା ଲୋଇସିଂହା କଲେଜର ଅଧକ୍ଷ ପାଇବା ପରେ ତାଙ୍କ ନେତୃତ୍ୱରେ ଗଠିତ ତଦାରଖ କମିଟି ଯାଞ୍ଚ କରିଥିଲା । ଯାଞ୍ଚ ହେବାରୁ କଲେଜର ଜଣେ ପ୍ରାଧ୍ୟାପକ ଓ ଲାଇବ୍ରେରିଆନଙ୍କ ନିଯୁକ୍ତିରେ ଅନିୟମିତତା ଧରାପଡିବା ଘଟଣା ଜିଲାରେ ଚର୍ଚ୍ଚାର ବିଷୟ ହୋଇଛି।

ମିଳିଥିବା ସୂଚନା ଅନୁଯାୟୀ, ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପତ୍ର ସଂଖ୍ୟା ୧୧୭୬୭(ତା ୩।୩।୨୦୨୫ରିଖ)ରେ ନିର୍ଦ୍ଦେଶକ କାଳୀପ୍ରସନ୍ନ ମହାପାତ୍ର ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ କଲେଜର ଅଧକ୍ଷମାନଙ୍କୁ ଚିଠି କରିଥିଲେ। ନିର୍ଦ୍ଦେଶକଙ୍କ ଚିଠି ହସ୍ତଗତ ପରେ ୪୮୮ ବର୍ଗ ଅନ୍ତର୍ଭୁକ୍ତ ଲୋଇସିଂହା କଲେଜର ଭାରପ୍ରାପ୍ତ ଅଧକ୍ଷ ଗୋବିନ୍ଦଚନ୍ଦ୍ର ସାହୁ ନିଜସ୍ୱ ତତ୍ତ୍ୱାବଧାନରେ କଲେଜର କେତେଜଣ ବରିଷ୍ଠ ପ୍ରାଧ୍ୟାପକଙ୍କୁ ନେଇ ଏକ ତଦାରଖ କମିଟି ଗଠନ କରିଥିଲେ। ଉକ୍ତ ତଦାରଖ କମିଟି କଲେଜରେ କାର୍ଯ୍ୟରତ ଅନୁଦାନପ୍ରାପ୍ତ ୧୭ ଜଣ ଶୈକ୍ଷିକ କର୍ମଚାରୀ ଓ ୧୦ ଜଣ ଅଣ ଶୈକ୍ଷିକ କର୍ମଚାରୀ ସମେତ ମ୍ୟାନେଜମେଣ୍ଟ ଅଧୀନରେ କାର୍ଯ୍ୟରତ ୨୧ ଜଣ ଶୈକ୍ଷିକ ଓ ୨୨ ଅଣ ଶୈକ୍ଷିକ ଏପରି ମୋଟ ୭୦ ଜଣ କର୍ମଚାରୀଙ୍କ ଦସ୍ତାବିଜ ଯାଞ୍ଚ କରାଯାଇଥିଲା । ଯାଞ୍ଚ ପରେ ଲୋଇସିଂହା କଲେଜର ଜଣେ ବରିଷ୍ଠ ପ୍ରାଧ୍ୟାପକ ଓ ଜଣେ କନିଷ୍ଠ ଲାଇବ୍ରେରିଆନଙ୍କ ସର୍ଭିସ ରେକର୍ଡ, ଯୋଗ୍ୟତା ଓ ନିଯୁକ୍ତି ପ୍ରମାଣପତ୍ରରେ ତାଳମେଳ ନ ଥିବା ଉକ୍ତ ତଦାରଖ କମିଟିର ନଜରକୁ ଆସିଥିଲା । ଏନେଇ ଅଧକ୍ଷ ସାହୁ ମେ ୩ ତାରିଖରେ ସମ୍ପୃକ୍ତ ୨ଜଣ କର୍ମଚାରୀଙ୍କ ନିଯୁକ୍ତି ଅନିୟମିତତା ସଂକ୍ରାନ୍ତରେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାପରେ ଉଚ୍ଚ ଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟର ପତ୍ର ସଂଖ୍ୟା ୨୫୫୬୯(ତା ୨୦।୫।୨୦୨୫)ରେ ସମ୍ପୃକ୍ତ ୨ଜଣ କର୍ମଚାରୀଙ୍କ ନିଯୁକ୍ତି ଅନିୟମିତତାର ଅଧିକ ଖୋଳତାଡ ପାଇଁ ଅଧକ୍ଷ ସାହୁଙ୍କ ନିକଟକୁ ପୁନର୍ବାର ଚିଠି କରାଯାଇଥିଲା।

ଉକ୍ତ ଚିଠିରେ ସମ୍ପୃକ୍ତ ଦୁଇ କର୍ମଚାରୀଙ୍କ ଶିକ୍ଷାଗତ ପ୍ରମାଣପତ୍ର, ନିଯୁକ୍ତି ବାବଦ ରେଜ୍ୟୁଲେଶନ,ବିଜ୍ଞାପନ ଏପରି ୮ଟି ଦସ୍ତାବିଜ ଯାଞ୍ଚ କରି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ଅଧକ୍ଷଙ୍କୁ କୁହାଯାଇଥିଲା। ମିଳିଥିବା ତଥ୍ୟ ଅନୁଯାୟୀ, ୧୯ ଅକ୍ଟୋବର ୧୯୮୪ରେ ସମ୍ପୃକ୍ତ କନିଷ୍ଠ ଗ୍ରନ୍ଥାଗାରିକ କଲେଜରେ ଯୋଗଦାନ କରିଥିଲେ । କିନ୍ତୁ ତାଙ୍କ ସର୍ଭିସ ବୁକ୍ ମୁତାବକ ସେ ୨୦ ଡିସେମ୍ବର ୧୯୮୪ରେ ନିଯୁକ୍ତି ପାଇଥିଲେ । ଏଠାରେ ପ୍ରଶ୍ନ ଉଠୁଛି ସେ ନିଯୁକ୍ତିର ଦୁଇମାସ ପୂର୍ବରୁ କିପରି ଭାବେ କଲେଜରେ ଯୋଗଦାନ କରିଥିଲେ । ଏପରି କି ଚାକିରିରେ ଯୋଗଦାନର ୩ ମାସ ପରେ ୨୪ ଜାନୁୟାରୀ ୧୯୮୫ରେ ସେ ଆବଶ୍ୟକ ଶିକ୍ଷାଗତ ଯୋଗ୍ୟତା ଥିବା ଇଣ୍ଟରମିଡିଏଟ୍ ପାସ୍ କରିଥିବା କଲେଜରେ ଦାଖଲ ଦସ୍ତାବିଜ୍‌ରୁ ଜଣାପଡିଛି। ଏସବୁକୁ ଦେଖିଲା ପରେ ନିଯୁକ୍ତିରେ ଅନିୟମିତତା ହୋଇଛି କି ନା ତାହା ତଦନ୍ତସାପେକ୍ଷ । କନିଷ୍ଠ ଗ୍ରନ୍ଥାଗାରିକଙ୍କୁ ଅନୁଗ୍ରହ ଦେଖାଇ ବିନା କାଗଜପତ୍ରରେ ଏପରି ଅନିୟମିତତା ହୋଇଥିବା ଅଭିଯୋଗ ହେଉଛି। ଅପରପକ୍ଷେ ୨୦୧୮ ମସିହାରେ ଉକ୍ତ କଲେଜରେ ଯୋଗ ଦେଇଥିବା ଅନ୍ୟ ଜଣେ ବରିଷ୍ଠ ପ୍ରାଧ୍ୟାପକ ଏହି ନିଯୁକ୍ତି ଅନିୟମିତତାରେ ଛନ୍ଦି ହୋଇ ଯାଇଛନ୍ତି। ଏ ସମ୍ପର୍କରେ କଲେଜ ଅଧକ୍ଷ ଗୋବିନ୍ଦଚନ୍ଦ୍ର ସାହୁଙ୍କୁ ପଚାରିବାରେ, ଗ୍ରନ୍ଥାଗାରିକଙ୍କ ସମ୍ପର୍କରେ ଉଚ୍ଚ ଶିକ୍ଷା ନିର୍ଦ୍ଦେଶକ କାର୍ଯ୍ୟାଳୟକୁ ସବୁ ରିପୋର୍ଟ ପ୍ରଦାନ କରାଯାଇଛି। ବରିଷ୍ଠ ପ୍ରାଧ୍ୟାପକଙ୍କ ମୂଳ ଚାକିରି ସ୍ଥାନର ଅଧକ୍ଷଙ୍କୁ ଦୁଇ ଦୁଇଥର ତଥ୍ୟ ମଗା ଯାଇଥିଲେ ସୁଦ୍ଧା ସେ ଦେଉ ନ ଥିବା କହିଛନ୍ତି । ପ୍ରକାଶଥାଉ କି, ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ନିକଟରେ ଜାଲ୍ ଦସ୍ତାବିଜ୍ ତଥା ଯୋଗ୍ୟତା ନ ଥାଇ ଚାକିରି କରୁଥିବା ଜଣାପଡିଲେ ସମ୍ପୃକ୍ତ କର୍ମଚାରୀଙ୍କ ବିରୋଧରେ ଆପରାଧିକ ମାମଲା ରୁଜୁ କରାଯାଇ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଜ୍ଞାପନ ଜରିଆରେ ସ୍ପଷ୍ଟୀକରଣ ପରେ ଏଭଳି କର୍ମଚାରୀଙ୍କ ମହଲରେ ଛନକା ପଶିଯାଇଛି।

# ଜିଲାପାଳଙ୍କ ଚ୍ୟାମ୍ବରକୁ ଧସେଇ ପଶିଲେ


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ବିଜେଡି ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତା।

**ଚାଷୀଙ୍କୁ କ୍ଷତିପୂରଣ ଦାବି କଲା ବିଜେଡି**

- ପୂରଣ ନ ହେଲେ ଆନ୍ଦୋଳନ
- ଥାନା ଆଇଆଇସିଙ୍କ ସହିତ କଥା କଟାକଟି

ବରଗଡ଼, ୪।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କୁ ବ୍ୟାପକ କ୍ଷତି ସହିବାକୁ ପଡ଼ିଛି। ଧାନ ଅମଳ ଓ ସଂଗ୍ରହ ସମୟରେ ବର୍ଷା ହେବାରୁ କ୍ଷେତ, ଖଳାରେ ରହିଥିବା ଧାନ ଉଜୁଡି ଯାଇଛି। ଏଭଳି ସ୍ଥିତିରେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀମାନଙ୍କ ପାଇଁ ସରକାର କ୍ଷତିପୂରଣ ଘୋଷଣା କରି ନାହାନ୍ତି। ଅନ୍ୟପକ୍ଷରେ ଚାଷୀଙ୍କୁ କ୍ଷତିପୂରଣ ଦାବି ଜୋର୍ ଧରି ବସିଛି। ଏହି କ୍ରମରେ ବୁଧବାର ଜିଲା ବିଜେଡି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛି। ଦଳର ଜିଲା ସଭାପତି ସୁଶାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ମନ୍ତ୍ରୀ ରୀତା ସାହୁ, ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝୀଙ୍କ ସମେତ ଅନେକ ଦଳୀୟ କାର୍ଯ୍ୟକର୍ତ୍ତା, କର୍ମୀ ଦାବିପତ୍ର ପ୍ରଦାନ କରିବା ପାଇଁ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପହଞ୍ଚି ଥିଲେ। ସେତେବେଳେ ଜିଲାପାଳ ଆଦିତ୍ୟ ଗୋୟଲ ଏକ ଭିଡିଓ କନ୍‌ଫରେନ୍ସିଂରେ ଥିଲେ ଏବଂ ଦାବିପତ୍ର ଗ୍ରହଣ ପାଇଁ ପହଞ୍ଚି ପାରି ନ ଥିଲେ। ଜିଲାପାଳ ନ ଆସିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ବିଜେଡି ବିଧାୟିକା, ପୂର୍ବତନ ବିଧାୟକ, ପୂର୍ବତନ ମନ୍ତ୍ରୀଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା, କର୍ମୀ ଜିଲାପାଳଙ୍କ ଚ୍ୟାମ୍ବରକୁ ଧସେଇ ପଶିଥିଲେ। ଚ୍ୟାମ୍ବରରେ ଜିଲାପାଳ ଅନୁପସ୍ଥିତ ଥିବାରୁ ସେଠାରେ ସେମାନେ ଧାରଣାରେ ବସିଥିଲେ। ଏହି ସମୟରେ ଟାଉନ ଥାନା ଆଇଆଇସି ସତ୍ୟଜିତ କଣ୍ଡାନକେଲ ଧାରଣାରେ ବସିଥିବା ବିଜେଡି ନେତୃବୃନ୍ଦ ତଥା ଅନ୍ୟ କାର୍ଯ୍ୟକର୍ତ୍ତାମାନଙ୍କୁ ଜିଲାପାଳଙ୍କ ଚ୍ୟାମ୍ବରରୁ ବାହାରି ଯିବା ପାଇଁ କହିଥିଲେ। ଜିଲାପାଳ ଆସି ଦାବିପତ୍ର ଗ୍ରହଣ କଲେ ଯାଇ ସେଠାରୁ ସେମାନେ ଉଠିବେ ବୋଲି ଅଡି ବସିଥିଲେ। ଏହାକୁ ନେଇ ଥାନା ଆଇଆଇସି ଏବଂ ବିଧାୟିକା ବରିହାଙ୍କ ସମେତ ଅନ୍ୟ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଜିଲାପାଳ ଗୋୟଲ ସେଠାକୁ ପହଞ୍ଚି ଦାବିପତ୍ର ଗ୍ରହଣ କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଦାବିପତ୍ରରେ ୬ଦଫା ଦାବି କରାଯାଇଛି। ରାଜସ୍ୱ ଅଧିକାରୀ, ଚାଷୀ ସଂଗଠନ ପ୍ରତିନିଧି ଓ ଲୋକ ପ୍ରତିନିଧିଙ୍କ ଉପସ୍ଥିତିରେ କ୍ଷେତ, ଖଳାରେ ବର୍ଷାରେ କ୍ଷତିଗ୍ରସ୍ତ ଧାନର ଠିକ୍ ଆକଳନ, କ୍ଷୟକ୍ଷତିର ଠିକ୍ ଆକଳନ କରି କ୍ଷତିପୂରଣ ପ୍ରଦାନ ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ, ବିଲରେ ଭିଜି ଯାଇଥିବା ଧାନ ପେଟା ଓ ଅମଳ ହୋଇ ନ ଥିବା ଧାନକୁ ବୀମାଭୁକ୍ତ କରାଯିବା, ବିଭିନ୍ନ ବଜାର ପ୍ରାଙ୍ଗଣରେ ପଡ଼ିଥିବା ଧାନକୁ ବିଶ୍ଳେଷଣ ନ କରି ତୁରନ୍ତ କ୍ରୟ କରିବା ପାଇଁ ଉଚିତ ପଦକ୍ଷେପ ନିଆଯିବା, କୃଷରଣ ଛାଡ଼ କରାଯାଇ ତୁରନ୍ତ ଚାଷୀଙ୍କୁ ଆର୍ଥିକ ସହାୟତା ଓ ଇନପୁଟ ସବ୍‌ସିଡି ପ୍ରଦାନ କରାଯାଉ ଏବଂ ମଣ୍ଡିରେ ଦଲାଲରାଜ ବନ୍ଦ ସହ ବିନା କଟ୍‌ନି ଛଟନିରେ ଚାଷୀଙ୍କ ସମସ୍ତ ଧାନ କିଣିବାକୁ ଦାବି ହୋଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଚାଷୀଙ୍କ ସ୍ୱାର୍ଥର ସୁରକ୍ଷା ପାଇଁ ବିଜେଡି ରାଜରାସ୍ତାରେ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବ ବୋଲି ଚେତାବନୀ ଦିଆଯାଇଛି । ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସୁଶାନ୍ତ ମିଶ୍ର, ଗୌରହରି ମିଶ୍ର, ପ୍ରଦ୍ୟୁମ୍ନ ତ୍ରିପାଠୀ, ଶକୁନ୍ତଳା ମହାପାତ୍ର, ହରିଶଙ୍କର ବେହେରା, କରନ ସିକନ୍ଦର, ଶୟନ ପଣ୍ଡାଙ୍କ ସମେତ ଶତାଧିକ ବିଜେଡି କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ ।

# ଅହିର କଳସ ଶୋଭାଯାତ୍ରାକୁ ସ୍ୱାଗତ ପାଇଁ ବୈଠକ

ବରପାଲି,୪।୬( ଚିତ୍ତରଞ୍ଜନ ସାହୁ)

ବରଗଡ଼ ଜିଲା ବରପାଲି ଜୟଗୋପାଳ କଲ୍ୟାଣ ମଣ୍ଡପଠାରେ ବୁଧବାର ସନ୍ଧ୍ୟା ୭ଟାରେ ଯାଦବ ସମାଜ ସଭାପତି ମନଫୁଲ ଭୋଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଆସନ୍ତା ୭ତାରିଖରେ ବରପାଲି ବ୍ଲକ ଓ ସହର ଯାଦବ ସମାଜ ପକ୍ଷରୁ ଅହିର ଶୋଭାଯାତ୍ରା ହେବ। ଏହି କଳସ ଶୋଭାଯାତ୍ରାକୁ ଯାଦବ ସମାଜ ପକ୍ଷରୁ ବହୁଳ ଭବ୍ୟ ଭାବରେ ସ୍ୱାଗତ କରିବା ସାଙ୍ଗକୁ ପୂଜାର୍ଚ୍ଚନା କରିବା ପାଇଁ ଉକ୍ତ ବୈଠକରେ ପ୍ରସ୍ତାବ ନିଆଯାଇଥିଲା। ଏହି ବୈଠକରେ ସଭାର ସୂଚନା ଆଭିମୁଖ୍ୟ ଗୋବିନ୍ଦ ଯୁଆଡ଼ି ଦେଇଥିବାବେଳେ ଏନ୍‌ଏସି ଅଧ୍ୟକ୍ଷ ଦିନେଶ ଗହିର, ପୂର୍ବତନ ବ୍ଲକ ଅଧ୍ୟକ୍ଷ କିଶୋର ଦଫାଦାର କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ କୁଞ୍ଜବିହାରୀ ରାଉତ, ଅକ୍ଷୟ ଭୋଇ, ରସାନନ୍ଦ ଥପା, ଗୋପାଳ ବେହେରା, କୁନୁ ଜାଲ, ବିଦ୍ୟାଧର କାଣ୍ଡ, ଅମର ବେହେରା, ପୀତବାସ ବେହେରା, ପ୍ରତାପ ନାଗ ଏବଂ ବହୁ ସମାଜର ସଭ୍ୟମାନେ ଉପସ୍ଥିତ ଥିଲେ। ସଭା ଶେଷରେ ଖାଡ଼ିଆ ବଗର୍ତ୍ତି ଧନ୍ୟବାଦ ଅର୍ପଣ କରିଥିଲେ।


ବୈଠକରେ ଆଲୋଚନା ଚାଲିଛି।

# ଶୂନ୍ୟ ଦୁର୍ଘଟଣାକୁ ସରକାରଙ୍କ ଗୁରୁତ୍ୱ

ବରଗଡ଼,୪।୬(ପ୍ରେମାନନ୍ଦ ଖମାରୀ)

ସଡ଼କ ପରିବହନରେ ଶୂନ୍ୟ ଦୁର୍ଘଟଣା ଲକ୍ଷ୍ୟ ନେଇ ଓଡ଼ିଶା ସରକାର ବିଶେଷ କାର୍ଯ୍ୟ ହାତକୁ ନେଇଛନ୍ତି। ସେହି ଉଦ୍ଦେଶ୍ୟରେ ଗାଡି ଚାଳନା ପ୍ରଶିକ୍ଷଣ କେନ୍ଦ୍ରକୁ ମ୍ୟାନୁଆଲ ପରିବର୍ତ୍ତେ ଅଟୋମେସନ ତଥା ସ୍ୱୟଂକ୍ରିୟ କରାଯାଉଛି। ଏହି କ୍ରମରେ ମଙ୍ଗଳବାର ଲୋକସେବା ଭବନ କନଭେନ୍ସନ ସେଣ୍ଟରଠାରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଆୟୋଜିତ ଶୂନ୍ୟ ଦୁର୍ଘଟଣା ଦିବସ ଏବଂ ସଡ଼କ ସୁରକ୍ଷା ସମ୍ପର୍କିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କାର୍ଯ୍ୟକ୍ରମରେ ଯୋଗଦେଇ ଥିବାବେଳେ ବରଗଡ଼ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ବରଗଡ଼ ଲୋକସଭା ଏମ୍‌ପିଙ୍କ ପ୍ରତିନିଧି ସୁରେଶ୍ୱର ଶତପଥୀ, ଜିଲାସ୍ତରୀୟ ଅଧିକାରୀ, କର୍ମଚାରୀ ଆଭାସୀ ମାଧ୍ୟମରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ। ଏହି ଆଭାସୀ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବରଗଡ଼ କୁସନପୁରୀରେ ସ୍ୱୟଂକ୍ରୀୟ ଯାନ ପରୀକ୍ଷଣ ବ୍ୟବସ୍ଥାର ଶୁଭାରମ୍ଭ କରିଥିଲେ।


ଶୂନ୍ୟ ଦୁର୍ଘଟଣା ଦିବସ କାର୍ଯ୍ୟକ୍ରମରେ ଜିଲାପାଳ ଏବଂ ଅନ୍ୟମାନେ।

# ଗୋଦାମ ଗୃହ ଭଙ୍ଗାଯିବା ପ୍ରତିବାଦରେ ଅନଶନ


ଅନଶନକୁ ବିଜେଡି ନେତା, କାର୍ଯ୍ୟକର୍ତ୍ତା ସମର୍ଥନ କରିଛନ୍ତି।

ବରଗଡ଼, ୪।୬(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ଅନ୍ତର୍ଗତ ଡାଙ୍ଗବାହାଲ ପ୍ରାଥମିକ କୃଷି ସମବାୟ ସମିତିର ଗୋଦାମ ଗୃହ ଭଙ୍ଗାଯିବା ଘଟଣାକୁ ନେଇ ଅସନ୍ତୋଷ ବଢିଚାଲିଛି। ଏହାର ପ୍ରତିବାଦରେ ସମିତିର ବୋର୍ଡ ସଭ୍ୟମାନେ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅନଶନରେ ବସିଥିଲେ। ଗୋଦାମ ଗୃହ ଭାଙ୍ଗିବା ଘଟଣା ଉପରେ କାର୍ଯ୍ୟାନୁଷ୍ଠାନ ଏବଂ ନୂତନ ଗୋଦାମ ଗୃହ ନିର୍ମାଣ ପାଇଁ ସେମାନେ ଦାବି କରିଛନ୍ତି। ସୂଚନା ଅନୁଯାୟୀ, ସମିତିର ଗୋଦାମ ଗୃହ ଭଙ୍ଗା ଯାଇଥିବାରୁ ଖରିଫ ଋତୁରେ ସାର, ବିହନ ଗଚ୍ଛିତ ରଖିବା ପାଇଁ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ଗୋଦାମ ଗୃହ ଭାଙ୍ଗିବା ଘଟଣା ନେଇ ଗାଇସିଲେଟ ଥାନା, ପଦ୍ମପୁର ସହକାରୀ ସମବାୟ ନିବନ୍ଧକ, ସମବାୟ ଉପନିବନ୍ଧକ, ବରଗଡ଼ ଏସ୍‌ପି, ଜିଲାପାଳ, ସମବାୟ ମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ସମିତି ସଭ୍ୟମାନେ ଅନଶନକୁ ଓହ୍ଲାଇଥିଲେ। ଅନଶନକୁ ବିଜେଡି ପକ୍ଷରୁ ସମର୍ଥନ କରାଯାଇଛି। ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ରୀତା ସାହୁ, ସ୍ନେହାଙ୍ଗିନୀ ଛୁରିଆ, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ବିଜେଡି ଜିଲା ସଭାପତି ସୁଶାନ୍ତ ମହାପାତ୍ର, ବିଜେଡି ନେତା ଗୌରହରି ମିଶ୍ର, କିଶୋର ଦେବତା, ହରିଶଙ୍କର ବେହେରା, ପ୍ରଦ୍ୟୁମ୍ନ ତ୍ରିପାଠୀ ପ୍ରମୁଖ ଅନଶନସ୍ଥଳରେ ପହଞ୍ଚି ସମର୍ଥନ ଜଣାଇଥିଲେ।

# ଇନ୍‌ପୁଟ ଡିଲର ୟୁନିୟନ୍‌ର ବାର୍ଷିକ ବୈଠକ

ପଦ୍ମପୁର, ୪।୬(ପ୍ରଦୀପ୍ତ ଦାଶ)

ରାଜବୋଡ଼ାସମ୍ବର ଇନ୍‌ପୁଟ ଡିଲର ୟୁନିୟନ୍‌ର ତୃତୀୟ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଏଡିଓ ପିସି ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିବା ବେଳେ ଏଏଚ୍‌ଓ ଶିବାନୀ ଭୋଇ, ଅବସରପ୍ରାପ୍ତ କୃଷି ଅଧିକାରୀ ବଳଦେବ ସୁନା ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ। ୟୁନିୟନ୍‌ର ସଭାପତି ସପ୍ତସିନ୍ଧୁ ବଗର୍ତ୍ତୀ ସଂଯୋଜନା କରିବା ସହ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସମ୍ପାଦକ ଦିନେଶ ନାୟକ, କୋଷାଧ୍ୟକ୍ଷ ବିରଞ୍ଚି ନାରାୟଣ ହୋତା ମଞ୍ଚାସୀନ ଅତିଥି ଥିଲେ। ବୈଠକରେ ପ୍ରାୟ ୭୨ ଜଣ ଇନ୍‌ପୁଟ ଡିଲର ଯୋଗଦାନ କରିଥିଲେ। ଧାନ ବିହନ, ରାସାୟନିକ ସାର, କୀଟନାଶକ ଔଷଧର ଶୃଙ୍ଖଳିତ ଓ ସୁଷମ ବଣ୍ଟନ, ଚାଷୀଙ୍କୁ ଉପଯୁକ୍ତ ମାର୍ଗଦର୍ଶନ କରିବା ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ଓଏସ୍‌ଏସ୍‌ସି ତରଫରୁ ଗୁଣାତ୍ମକ ମାନର ବିହନ ଯୋଗାଇଦେବାକୁ ଏଡିଓଙ୍କୁ ଅନୁରୋଧ କରାଯାଇଥିଲା। ୟୁନିୟନ୍‌ର କୋଷାଧ୍ୟକ୍ଷ ହୋତାଙ୍କ ଅସୁବିଧା ଥିବାରୁ ତାଙ୍କ ପଦବୀରେ ଶ୍ରୁଶ୍ରୁତ ମିଶ୍ରଙ୍କୁ କୋଷାଧ୍ୟକ୍ଷ ଭାବରେ ଅବସ୍ଥାପିତ କରାଯାଇଥିଲା।


ବୈଠକରେ ଉପସ୍ଥିତ ଡିଲର।

## ସ୍କୁଟି ଡିକି ଭାଙ୍ଗି ଲୁଟିନେଲେ ସାଢ଼େ ୩ ଲକ୍ଷ

ବରଗଡ଼, ୪।୬(ପ୍ରେମାନନ୍ଦ ଖମାରୀ): ବରଗଡ଼ ଟାଉନ ଥାନା ନିକଟରେ ଜଣେ ଚାଷୀଙ୍କ ସ୍କୁଟି ଡିକି ଭାଙ୍ଗି ଦୁର୍ବୃତ୍ତମାନେ ସାଢ଼େ ୩ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ସମ୍ପୃକ୍ତ ଚାଷୀ ବୁଧବାର ବରଗଡ଼ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି। ଭେଡେନ ଥାନା ବୁର୍ଦ୍ଧା ଗ୍ରାମର ଚାଷୀ ସଚ୍ଚିଦାନନ୍ଦ ପଣ୍ଡା ନିଜ ସ୍କୁଟି ଯୋଗେ ବିକ୍ରି ଧାନର ଟଙ୍କା ଉଠାଇବା ପାଇଁ ବରଗଡ଼ ଷ୍ଟେଟ ବ୍ୟାଙ୍କକୁ ଆସିଥିଲେ। ବ୍ୟାଙ୍କରୁ ସାଢେ ୩ ଲକ୍ଷ ଟଙ୍କା ଉଠାଇ ସ୍କୁଟି ଡିକିରେ ରଖିଥିଲେ। ସେ ସ୍ଥାନୀୟ ଗୌରପଡ଼ା ଛକକୁ ଆସି ସ୍କୁଟି ରଖି ଆଖୁପଣା ପିଇଥିଲେ। ପରେ ଥାନା ନିକଟ ରାଜୀବ ଗାନ୍ଧୀ ଛକରେ ଚା' ପିଇଥିଲେ। ଏହାପରେ ସ୍କୁଟି ଡିକିରେ ଟଙ୍କା ନ ଥିବା ସେ ଦେଖିବାକୁ ପାଇଥିଲେ।

# ପ୍ଲାଷ୍ଟିକ୍ ବର୍ଜନ ନେଇ ସଚେତନତା

ପାଇକମାଲ, ୪।୬(ବଡ଼ ଶତପଥୀ)

ପାଇକମାଲ ନୃସିଂହନାଥ ଓ ପାଇକମାଲ ବନ ବିଭାଗ ତରଫରୁ ନୃସିଂହନାଥରେ ପ୍ଲାଷ୍ଟିକ୍ ବର୍ଜନ ନେଇ ସଚେତନତା କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶକ୍ରମେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଏକ ସଚେତନତା ରାଲି ସହ ଆମ ଜଙ୍ଗଲକୁ ସୁରକ୍ଷା ଦେବା, ଏକକ ବ୍ୟବହାର ପ୍ଲାଷ୍ଟିକ୍‌କୁ ନା କହିବା, ପ୍ରତିବର୍ଷ ଗଛ ଲଗାଇ ବଞ୍ଚାଇବା ଆଦି ସ୍ଲୋଗାନ ଦିଆଯାଇଥିଲା। ସଚେତନତା ସଭାରେ ରେଞ୍ଜର ହୃଦାନନ୍ଦ ମିଶ୍ର ସଭାପତିତ୍ୱ କରିଥିବା ବେଳେ ପ୍ରକୃତିବନ୍ଧୁ ବଡ ଶତପଥୀ, ପ୍ରକୃତିବନ୍ଧୁ ବିଭୂତି ମୁଣ୍ଡ, ଫରେଷ୍ଟର ରମେଶ କୁମାର ପ୍ରଧାନ ଅତିଥି ଭାବେ ଯୋଗଦେଇଥିଲେ। ତୁଲାରାମ ବରିହା, ରଜନୀକାନ୍ତ ବରେଇ, ଗିରିରାଜ କୁମହାର, ଦୀପକ କୁମାର ନାୟକ, ବସନ୍ତ ବାଗ, ସଚିବନ୍ତ ପଟେଲ, ଜଗମୋହନ ସାହୁ, ମଳୟ ଗଇତା, ଦିବ୍ୟ ରଞ୍ଜନ ହାତୀ ପ୍ରମୁଖ ନୃସିଂହନାଥ ଓ ପାଇକମାଲ ବନ କର୍ମଚାରୀମାନେ ଏଥିରେ ଯୋଗ ଦେଇଥିଲେ। ଶେଷରେ ସମସ୍ତେ ମିଶି ଆଖପାଖରେ ପଡ଼ିଥିବା ପ୍ଲାଷ୍ଟିକ୍ ସଂଗ୍ରହ କରିଥିଲେ।


ସଚେତନତା କରାଯାଉଛି।

# ସୋହେଲାରେ ଭାଜପା ପକ୍ଷରୁ ବିଜୟ ଉତ୍ସବ

ସୋହେଲା, ୪।୬(ଅଶ୍ୱିନୀ କୁମାର ପାତ୍ର)

ଓଡ଼ିଶାରେ ଭାଜପାର ବିଜୟ ଏବଂ ଭଟ୍‌ଲି ବିଧାନସଭା କ୍ଷେତ୍ରରେ ଯୁବ ବିଧାୟକ ଭାବେ ଇରାସିସ୍ ଆଚାର୍ଯ୍ୟଙ୍କ ବିଜୟର ଏକ ବର୍ଷ ପୂର୍ତ୍ତି ହୋଇଥିବାରୁ ସମର୍ଥକ ତଥା ଭାଜପା କାର୍ଯ୍ୟକର୍ତ୍ତାମାନେ ବିଜୟ ଉତ୍ସବ ପାଳନ କରିଥିଲେ। ମୁଖ୍ୟ ଛକରେ କାର୍ଯ୍ୟକର୍ତ୍ତା ଏକତ୍ରିତ ହୋଇ ଆତସବାଜି ସହ ବାଣ ଫୁଟାଇଥିଲେ। ମଣ୍ଡଳ ସଭାପତି ଅଶ୍ୱିନୀ କୁମାର ପାତ୍ର, ଯୁବ ସଂଗଠକ ଚନ୍ଦ୍ରମଣି ଭଞ୍ଜ, ହରି ଦାଶ, ତସିଲ ରଣା, ବିକାଶ ପଧାନ, ଦିବା ସା, ଭାରତ ସା, ଦିଲୀପ ପଧାନ, ରଞ୍ଜନ ଛତର, ସରୋଜ ଦଳ, ମନୋଜ ମହାନନ୍ଦ, ପୁରନ୍ଦର ମାଝି, ଦୀପକ ସେଠ, ଶ୍ରୀମନ୍ତ ସତ୍‌ନାମୀଙ୍କ ସହ ଶତାଧିକ କାର୍ଯ୍ୟକର୍ତ୍ତା ସାମିଲ ଥିଲେ।

# 'ଆମ ସଂକଳ୍ପ: ନିଶା ନୁହେଁ, ଜୀବନ'ର ଶୁଭାରମ୍ଭ

## ସଚେତନତା ରଥର ଶୁଭାରମ୍ଭ କଲେ ଜିଲାପାଳ

ବରଗଡ଼,୪।୬(ପ୍ରେମାନନ୍ଦ ଖମାରୀ)

ମାଦକ ତଥା ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ଲୋକଙ୍କୁ ଅବଗତ କରିବା ସହିତ ଅପମିଶ୍ରିତ, ବିଷାକ୍ତ ଏବଂ ଚୋରାମଦ କାରବାର ସମ୍ପୂର୍ଣ୍ଣ ରୋକିବା ଲାଗି ବୁଧବାର ବରଗଡ଼ ଜିଲା ପ୍ରଶାସନ ତଥା ଜିଲା ଅବକାରୀ ବିଭାଗ ପକ୍ଷରୁ ଜନସଚେତନତା ଅଭିଯାନ 'ଆମ ସଂକଳ୍ପ: ନିଶା ନୁହେଁ, ଜୀବନ'ର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଜିଲାପାଳ ଆଦିତ୍ୟ ଗୋୟଲ ନିଜ କାର୍ଯ୍ୟାଳୟ ସମ୍ମୁଖରୁ ପତାକା ଦେଖାଇ ଏକ ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ଆଗାମୀ ଜୁନ ମାସ ୨୬ ତାରିଖ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ଅଞ୍ଚଳ ବୁଲି ନିଶାଦ୍ରବ୍ୟ ବ୍ୟବହାରର କୁପରିଣାମ ବିଷୟରେ ବ୍ୟାପକ ଜନ ସଚେତନତା କରିବ ବୋଲି ସୂଚନା ଦିଆଯାଇଛି। ଶୁଭାରମ୍ଭ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ, ଅବକାରୀ ଅଧିକ୍ଷକ ସୁବନ କୁମାର ନାଏକ, ଅତିରିକ୍ତ ଅବକାରୀ ଅଧିକ୍ଷକ ଦିବ୍ୟରଞ୍ଜନ ରାଉତ, ଜିଲାସ୍ତରୀୟ ଅଧିକାରୀ ଏବଂ ଅବକାରୀ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ ।


ବରଗଡ଼ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ପୋଖରୀ ପାଣି ବ୍ୟବହାର କରୁଛନ୍ତି ଗ୍ରାମବାସୀ

ଗୋଡ଼ଭଗା,୪।୬(ସୁରେଶ ଦାଶ)

**ଗମ୍ଭାରିପାଲିରେ ପାନୀୟ ଜଳ ସଙ୍କଟ**



ଅତାବିରା ବ୍ଲକ ଟାମ୍ପରସରା ପଞ୍ଚାୟତ ଅନ୍ତର୍ଗତ ଗମ୍ଭାରିପାଲି ଗ୍ରାମରେ ଦୀର୍ଘଦିନ ହେଲା ପିଇବା ପାଣି ପାଇଁ ଗ୍ରାମବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ଗ୍ରାମରେ ଘରକୁ ଘର ବିଶୁଦ୍ଧ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ବିଭାଗ ଆନୁକୂଲ୍ୟରେ ସରକାର ଲକ୍ଷାଧିକ ଟଙ୍କା ବ୍ୟୟରେ ବସୁଧା ଯୋଜନାରେ ଏକ ପାଣି ଟାଙ୍କି ତିଆରି କରିଛନ୍ତି। ଉକ୍ତ ଯୋଜନାରେ ଗ୍ରାମକୁ କିଛି ମାସ ହେବ ଜଳ ଯୋଗାଣ ଜାରି ରହିଥିଲା। ହେଲେ ଅନେକ ସମୟରେ ବିଭିନ୍ନ ସମସ୍ୟାକୁ ନେଇ ଜଳଯୋଗାଣ ବନ୍ଦ ରହୁଛି। କିଛିଦିନ ପୂର୍ବରୁ ପାଖରେ ଆଉ ଏକ ଟାଙ୍କିରେ ପାଇପ ସଂଯୋଗ ପାଇଁ ଜେସିବିରେ କାମ ଚାଲିଥିବା ବେଳେ ବସୁଧା ଯୋଜନାର ପାଇପକୁ ଜେସିବି ନଷ୍ଟ କରି ଦେଇଛି। ଫଳରେ ଦୀର୍ଘଦିନ ହେବ ଗ୍ରାମକୁ ଜଳଯୋଗାଣ ବନ୍ଦ ରହିଛି, ଯଦ୍ୱାରା ଗ୍ରାମବାସୀ ବାଧହୋଇ ପୋଖରୀ ଓ କେନାଲର ଦୂଷିତ ପାଣି ବ୍ୟବହାର କରୁଛନ୍ତି। ଏଥିପାଇଁ ଗ୍ରାମରେ ବିଭିନ୍ନ ପ୍ରକାର ଚର୍ମରୋଗ, ଝାଡ଼ାବାନ୍ତି ତଥା ଜ୍ୱର ଦେଖାଦେଇଛି। ଅତାବିରାଠାରେ ଥିବା ଆର୍‌ଡବ୍ଲୁଏସ୍‌ଏସ୍‌କୁ ଗ୍ରାମବାସୀ ବାରମ୍ବାର ଅଭିଯୋଗ କରିଆସୁଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏଥିସହ ସ୍ଥାନୀୟ ସରପଞ୍ଚଙ୍କୁ ମଧ୍ୟ ଗ୍ରାମବାସୀ ଅନେକ ଥର ଅଭିଯୋଗ କରିଛନ୍ତି ତା' ସତ୍ତ୍ୱେ ମଧ୍ୟ କୌଣସି ପ୍ରତିକାର ନିଆଯାଉନାହିଁ। ଫଳରେ ବାଧହୋଇ ବର୍ଷାଦିନେ ଗ୍ରାମବାସୀ କେନାଲ ଓ ପୋଖରୀ ପାଣି ବ୍ୟବହାର କରି ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଥିବା ଦେଖାଯାଇଛି। ପ୍ରକାଶଯୋଗ୍ୟ, ପୂର୍ବରୁ ମଧ୍ୟ ପାଇପ ଠିକାରେ ନିମ୍ନମାନର ପାଇପ ଯୋଗାଣ ହୋଇଥିବାରୁ ବିଭିନ୍ନ ସ୍ଥାନରେ ପାଇପ ଫାଟି ରାସ୍ତା ଉପରେ ପାଣିପ୍ରବାହିତ ହେଉଥିଲା। ଅଭିଯୋଗ ପରେ ତା'ର ମରାମତି କରାଯାଇ ପୁଣି ପାଣି ଯୋଗାଣ କରାଗଲା। ଅତାବିରା ଆର୍‌ଡବ୍ଲୁଏସ୍‌ଏସ୍ ନାମକୁ ମାତ୍ର ରହିଥିବାବେଳେ ବ୍ଲକର ବିଭିନ୍ନ ଗ୍ରାମରେ ଲୋକେ ପିଇବା ପାଣିପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଗମ୍ଭାରୀପାଲି ଗ୍ରାମରେ ଦେଖାଦେଇଥିବା ସମସ୍ୟାର ଶୀଘ୍ର ସମାଧାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି।

# ଛାତ୍ରଙ୍କଠାରୁ ଛାତ୍ରୀମାନେ ଆଗରେ

**ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକ ଓ ସ୍ନାତକୋତ୍ତର ପରୀକ୍ଷା ଫଳ**

ରାଉରକେଲା,୪।୬(ବିପ୍ଲବରଞ୍ଜନ ଦାଶ)

ରାଉରକେଲା ସହରର ପାନପୋଷଠାରେ ଥିବା ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦୨୫ ବର୍ଷ ସ୍ନାତକ ଓ ସ୍ନାତକୋତ୍ତର ଶେଷ ବର୍ଷ ପରୀକ୍ଷା ଫଳ ବୁଧବାର ପ୍ରକାଶ ପାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ସାମଲଙ୍କ ନେତୃତ୍ୱରେ ମହାବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ମାୟାଧର ବାରିକଙ୍କ ଉପସ୍ଥିତିରେ ଏହି ଫଳାଫଳ ପ୍ରକାଶ ହୋଇଥିଲା। ପରୀକ୍ଷା ଉପ ନିୟନ୍ତ୍ରକ ଡ. ଆବେଗ କୁମାର ଜୟସ୍ୱାଲ, ମହେନ୍ଦ୍ର ତନୟ ଗୁଡ୍ଡୁ, ସୁରତ ଗିରି, ଚୌଧୁରୀ ପ୍ରଦୋଷ ରଞ୍ଜନ ପ୍ରମୁଖ ଉପସ୍ଥିତ ଥିଲେ। ସ୍ନାତକ ପରୀକ୍ଷାରେ ମୋଟ ୩୩୭ ଜଣ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୩୧୨ ଅର୍ଥାତ୍ ୯୨.୫୮ ପ୍ରତିଶତ ଛାତ୍ରୀଛାତ୍ର, ବାଣିଜ୍ୟ ବର୍ଗରେ ୧୮୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ମୋଟ ୧୫୭ଜଣ ଅର୍ଥାତ ୮୭.୨୨ ପ୍ରତିଶତ ଏବଂ ବିଜ୍ଞାନ ବର୍ଗରେ ମୋଟ ୩୧୨ ଜଣଙ୍କ ମଧ୍ୟରୁ ୨୭୪ ଜଣ ଅର୍ଥାତ ୮୭.୮୨ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଭୟ ସ୍ନାତକ ଓ ସ୍ନାତକୋତ୍ତର ବର୍ଗର ସମସ୍ତ ବିଭାଗରେ ଛାତ୍ରୀମାନେ ଛାତ୍ରଙ୍କଠାରୁ ଫଳାଫଳରେ ଆଗରେ ରହିଛନ୍ତି। ସ୍ନାତକ କଳା ହିନ୍ଦୀ ଓ ମନୋବିଜ୍ଞାନ ବିଭାଗରେ ଶତପ୍ରତିଶତ ଫଳାଫଳ ସହିତ ଅର୍ଥନୀତି ଓ ଇଂରାଜୀ ବିଭାଗରେ ୯୫.୭୪ ପ୍ରତିଶତ, ଇତିହାସ ବିଭାଗରେ ୯୪.୭୪, ଶିକ୍ଷା ବିଭାଗରେ ୯୩.୦୨, ରାଜନୀତି ବିଜ୍ଞାନ-୯୧.୦୭, ଓଡ଼ିଆ ବିଭାଗରେ ୮୯.୨୯, ସମାଜ ଶାସ୍ତ୍ରରେ ୮୮.୫୭ ପ୍ରତିଶତ, ଗୃହ ବିଜ୍ଞାନ ବିଭାଗରେ ୮୫.୭୧ ଫଳାଫଳ ହୋଇଛି। ଗଣିତରେ ୮୦.୪୯ ପ୍ରତିଶତ, ଦର୍ଶନ ଶାସ୍ତ୍ରରେ ୬୬.୬୭ ପ୍ରତିଶତ ଓ ଭୂଗୋଳରେ ୫୦ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକ ବିଜ୍ଞାନ ବର୍ଗରେ ବାୟୋ ଟେକ୍ନୋଲୋଜି ଓ ଭୂତତ୍ତ୍ୱରେ ଶତପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। କମ୍ପ୍ୟୁଟର ବିଜ୍ଞାନରେ ୯୩.୬୦ ପ୍ରତିଶତ, ରସାୟନ ବିଜ୍ଞାନରେ ୯୨.୮୬ ପ୍ରତିଶତ, ଉଦ୍ଭିଦ ବିଜ୍ଞାନ, ପ୍ରାଣୀ ବିଜ୍ଞାନ ଓ ପଦାର୍ଥ ବିଜ୍ଞାନ ବିଭାଗରେ ୯୧.୬୭ ପ୍ରତିଶତ ଲେଖାଏଁ ଫଳାଫଳ ହୋଇଛି। ସେହିଭଳି ଇଲେକ୍ଟ୍ରୋନିକ୍ସ ଓ ଯୋଗାଯୋଗ ବିଭାଗରେ ୮୬.୯୬ ପ୍ରତିଶତ, ପରିସଂଖ୍ୟାନରେ ୫୫.୫୬ ଓ ଗଣିତ, କମ୍ପ୍ୟୁଟର ବିଜ୍ଞାନରେ ୨୫ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକ ବିଜ୍ଞାନ ବର୍ଗରେ କମ୍ପ୍ୟୁଟର ସାଇନ୍ସ ବିଭାଗରେ ଦେବାଶିଷ ମହନ୍ତ ସମ୍ମାନ ବିଷୟରେ ଶୀର୍ଷ ସ୍ଥାନରେ ରହିଥିଲାବେଳେ ରସାୟନ ବିଜ୍ଞାନରେ ଶ୍ରୀୟା ପାଠକ, ଇଲେକ୍ଟ୍ରୋନିକ୍ସ ଓ ଟେଲିକମ୍ୟୁନିକେସନ ବିଭାଗରେ ସୌରଭ ମହାନ୍ତି ଓ ବୈଶାଳୀ ପାଣିଗ୍ରାହୀ ଶୀର୍ଷ ସ୍ଥାନରେ ରହିଛନ୍ତି। ପଦାର୍ଥ ବିଜ୍ଞାନରେ ପ୍ରଭୁଦତ୍ତ ପଣ୍ଡା ଓ ଉଦ୍ଭିଦ ବିଜ୍ଞାନରେ ଆସିୟା ବେଗମ, ଗଣିତରେ ରୂପା ରୋଶନ ମିଶ୍ର,ବିଜ୍ଞାନରେ ରୋନିତ କୁମାର ଯାଦବ ଶୀର୍ଷରେ ଅଛନ୍ତି। କଳା ବର୍ଗର ମନସ୍ତତ୍ୱ ବିଭାଗରେ ଦେବାଶିଷ ମଲ୍ଲ ସମ୍ମାନ ବିଷୟରେ ୯.୯ ସିଜିପିଏ ରଖି ଶୀର୍ଷ ସ୍ଥାନ, ଶିକ୍ଷା ବିଭାଗରେ ୯.୩ ରଖି ବର୍ଷାରାଣୀ ସାହୁ ଶୀର୍ଷ ସ୍ଥାନରେ ରହିଥିଲାବେଳେ ଅର୍ଥଶାସ୍ତ୍ରରେ ସଞ୍ଜନା ମହାପାତ୍ର ଓ ରାଜନୀତି ବିଜ୍ଞାନରେ ସୋନାଲି ସିଂହ ୮.୮ ରଖି ଶୀର୍ଷ ସ୍ଥାନରେ ରହିଛନ୍ତି। ହିନ୍ଦୀ ବିଭାଗରେ ଆୟୁଷ କୁମାର ସାହୁ ୮.୬, ଇଂରାଜୀରେ ଯୁଗ୍ମଭାବେ ଅଞ୍ଜଳି ରାଣୀ ଓ ବିଶାଖା ସାରଦା ୮.୪ ରଖି ଶୀର୍ଷରେ ରହିଛନ୍ତି। ଓଡ଼ିଆରେ ମଧୁସ୍ମିତା ସାହୁ ଓ ସମାଜ ଶାସ୍ତ୍ରରେ ଶ୍ରେୟା ମିଶ୍ର ୮.୪ ସିଜିପିଏ ରଖି ଶୀର୍ଷରେ ରହିଛନ୍ତି। ସେହିଭଳି ଇତିହାସରେ ଅଙ୍କିତା ସାହୁ, ନରେଶ ନାୟକ ଓ ଅନି ମହାନ୍ତି ତିନିଜଣ ୭.୯ ଲେଖା ରଖି ଶୀର୍ଷରେ ରହିଥିଲାବେଳେ, ଭୂଗୋଳରେ ପ୍ରତ୍ୟୁଷ ସର୍କାର ୭.୮ ଏବଂ ଦର୍ଶନ ଶାସ୍ତ୍ରରେ ଶୁଶ୍ରୀତା ସା ୬.୬ ରଖି ଶୀର୍ଷରେ ରହିଛନ୍ତି। ବାଣିଜ୍ୟ ବର୍ଗରେ ପ୍ରିୟଙ୍କା ବେହେରା ଓ ସୋମ ମହାନ୍ତି ୮.୮ ସିଜିପିଏ ରଖି ଶୀର୍ଷ ସ୍ଥାନରେ ରହିଛନ୍ତି। ସେହିଭଳି ସ୍ନାତକୋତ୍ତର ବର୍ଗରେ ପରୀକ୍ଷା ଦେଇଥିବା ମୋଟ ୫୧୨ଜଣଙ୍କ ମଧ୍ୟରୁ ୪୪୪ଜଣ ଅର୍ଥାତ ୮୬.୭୨ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇଛନ୍ତି। ସ୍ନାତକୋତ୍ତର କଳା ବର୍ଗର ହିନ୍ଦୀ ଓ ରାଜନୀତି ବିଜ୍ଞାନ ବିଷୟରେ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିଲାବେଳେ ଶିକ୍ଷା ବିଭାଗରେ ୯୬.୭୭ ପ୍ରତିଶତ, ଇତିହାସରେ ୯୫.୪୫ ପ୍ରତିଶତ, ଓଡ଼ିଆରେ ୯୩.୦୨, ଇଂରାଜୀରେ ୯୧.୩୦ ପ୍ରତିଶତ, ଗୃହ ବିଜ୍ଞାନ ଓ ଲୋକ ପ୍ରଶାସନ ବିଭାଗରେ ୮୮.୮୯ ପ୍ରତିଶତ, ସମାଜଶାସ୍ତ୍ର--୭୧.୪୩, ମନୋବିଜ୍ଞାନ ଏବଂ ପାଠାଗାର ଓ ସୂଚନା ବିଜ୍ଞାନ ବିଭାଗରେ ୭୦ ପ୍ରତିଶତ ଲେଖାଏଁ ଛାତ୍ରୀଛାତ୍ରଙ୍କ ସମେତ ସଂସ୍କୃତରେ ୬୬.୬୭ ଓ ଅର୍ଥଶାସ୍ତ୍ରରେ ୩୮. ୪୬ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ବିଜ୍ଞାନ ବର୍ଗର କମ୍ପ୍ୟୁଟର ବିଜ୍ଞାନ ଏବଂ ପ୍ରାଣୀ ବିଜ୍ଞାନ ବିଭାଗରେ ଶତପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନ ବିଭାଗରେ ୯୧.୬୭ ପ୍ରତିଶତ, ଭୂତତ୍ତ୍ୱରେ ୮୮.୪୬, ରସାୟନ ବିଜ୍ଞାନରେ ୮୩.୩୩, ଗଣିତରେ ୮୨.୭୬ ପ୍ରତିଶତ, ପଦାର୍ଥ ବିଜ୍ଞାନରେ ୭୫ ପ୍ରତିଶତ ଓ ପରିସଂଖ୍ୟାନ ବିଭାଗରେ ୬୬.୬୭ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିଭଳି ବାଣିଜ୍ୟ ବର୍ଗରେ ୮୮.୮୯ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।



ପରୀକ୍ଷାଫଳ ପୁସ୍ତିକା ଉନ୍ମୋଚନ କରାଯାଉଛି।

## ସରକାରୀ ହାଇସ୍କୁଲ ପରୀକ୍ଷାଫଳ ନୈରାଶ୍ୟଜନକ

- ଜିଲା ମଙ୍ଗଳ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ
- ଜିଲା ଶିକ୍ଷା ବିଭାଗ ପକ୍ଷରୁ ଆକ୍ସନ ପ୍ଲାନ୍ ଧାର୍ଯ୍ୟ

ରାଉରକେଲା,୪।୬(ବିପ୍ଲବରଞ୍ଜନ ଦାଶ)

ସୁନ୍ଦରଗଡ଼ ଜିଲାରେ କେତେକ ସରକାରୀ ହାଇସ୍କୁଲ ଏବଂ ଆବାସିକ ହାଇସ୍କୁଲରେ ପରୀକ୍ଷାଫଳ ନୈରାଶ୍ୟଜନକ ରହିଛି। ଫଳରେ ଏନେଇ ବିଭାଗ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଛି। ଜିଲା ମଙ୍ଗଳ ବିଭାଗ ପକ୍ଷରୁ ଆବାସିକ ହାଇସ୍କୁଲକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଜିଲା ଶିକ୍ଷା ବିଭାଗ ଅନ୍ତର୍ଗତ ୬୨ ସରକାରୀ ହାଇସ୍କୁଲର ଛାତ୍ରୀଛାତ୍ର ବାର୍ଷିକ ହାଇସ୍କୁଲ ପରୀକ୍ଷା-୨୦୨୫ରେ ବି-୧ ଓ ବି-୨ରେ ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି। ଜିଲା ମଙ୍ଗଳ ବିଭାଗ ଅଧିନରେ ଥିବା ୩୬ଟି ଆବାସିକ ଉଚ୍ଚ ବିଦ୍ୟାଳୟର ଛାତ୍ରୀଛାତ୍ର ଏ-୧, ଏ-୨ ଏବଂ ବି-୨ରେ ଉତ୍ତୀର୍ଣ୍ଣ ହୋଇପାରି ନାହାନ୍ତି। ଫଳରେ ପ୍ରକାଶିତ ଫଳାଫଳକୁ ନେଇ ମଙ୍ଗଳ ବିଭାଗ ତରଫରୁ ହାଇସ୍କୁଲଗୁଡିକର ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକମାନଙ୍କୁ ଏହାର କାରଣ ଦର୍ଶାଅ ନୋଟିସ ଜାରି ହୋଇଥିବାବେଳେ ଜିଲା ଶିକ୍ଷା ବିଭାଗ ପକ୍ଷରୁ ସ୍କୁଲ ଖୋଲିବା ପରେ ଆଗକୁ ଯେଉଁଭଳି ଏହାର ପୁନରାବୃତ୍ତି ନ ହୁଏ ସେଥିପାଇଁ ଆକ୍ସନ ପ୍ଲାନ କରିବା ଧାର୍ଯ୍ୟ ହୋଇଛି। ଜିଲା ମଙ୍ଗଳ ବିଭାଗ ଅଧିନରେ ୧୭ଟି ବ୍ଲକ ଓ ୩ଟି ପୌରପାଳିକା ଅଧିନରେ ମୋଟ ୪୩ଟି ଆବାସିକ ଉଚ୍ଚ ବିଦ୍ୟାଳୟ ରହିଛି। ଚଳିତବର୍ଷ ଉପରୋକ୍ତ ହାଇସ୍କୁଲରୁ ମୋଟ ୨୪୧୧ଜଣ ଛାତ୍ରୀଛାତ୍ର ମାଟ୍ରିକ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଦେଇଥିଲେ। ଇତି ମଧ୍ୟରେ ପରୀକ୍ଷାଫଳ ପ୍ରକାଶ ପାଇ ସାରିଥିବାବେଳେ ଏ-୧ ଗ୍ରେଡ କେହି ମଧ୍ୟ ଆଣିନାହାନ୍ତି। ଏହିଭଳି ଅନୁରୂପ ଅବସ୍ଥା ଜିଲା ଶିକ୍ଷା ବିଭାଗ ଅନ୍ତର୍ଗତ ୬୨ଟି ସ୍କୁଲରେ ମଧ୍ୟ ହୋଇଛି। ଜଣେ ସୁଦ୍ଧା ଛାତ୍ର ୯୦ପ୍ରତିଶତଠାରୁ ଅଧିକ ନମ୍ବର ଆଣି ପାରିନାହାନ୍ତି। ମାତ୍ର ୩୫ ଜଣ ଛାତ୍ରୀଛାତ୍ର ୮୦ ରୁ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ୬୩ଜଣ ଛାତ୍ରୀଛାତ୍ର ୭୦ ରୁ ୮୦ ପ୍ରତିଶତ ମାର୍କ ରଖି ବି-୧, ୩୪୨ ଛାତ୍ରୀଛାତ୍ର ୬୦ରୁ ୭୦ପ୍ରତିଶତ ମାର୍କ ରଖି ବି-୨ ଗ୍ରେଡ ପାଇଛନ୍ତି। ସେହିଭଳି ୫୦ ରୁ ୬୦ପ୍ରତିଶତ ମାର୍କ ରଖି ୯୨୯ଜଣ ଛାତ୍ରୀଛାତ୍ର ସି-ଗ୍ରେଡ, ୪୦ରୁ ୫୦ପ୍ରତିଶତ ମାର୍କ ରଖି ୮୮୪ ଛାତ୍ରୀଛାତ୍ର ଡି-ଗ୍ରେଡ ଓ ୩୦ ରୁ ୪୦ପ୍ରତିଶତ ମାର୍କ ରଖି ୧୮୬ ଛାତ୍ରୀଛାତ୍ର ଇ-ଗ୍ରେଡ ପାଇଛନ୍ତି। ତେବେ ପ୍ରକାଶ ପାଇଥିବା ଫଳାଫଳ ନେଇ ବିଭାଗୀୟ ଅଧିକାରୀ ମହଲରେ ଅସନ୍ତୋଷ ବାତାବରଣ ଖେଳି ଯାଇଛି। ଏହିସବୁ ପଛରେ ମୁଖ୍ୟତଃ ବିଦ୍ୟାଳୟଗୁଡିକର ଶିକ୍ଷୟିତ୍ରୀ ଶିକ୍ଷକ ମୂଳରୂପେ ଦାୟୀ ବୋଲି ଦର୍ଶାଯାଇ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଏଥି ସହିତ ନୋଟିସ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକଙ୍କ ସହିତ ଜିଲା ମଙ୍ଗଳ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନ୍ୟପଟେ ଚଳିତବର୍ଷ ନୈରାଶ୍ୟଜନକ ଫଳାଫଳ ଆସିବା ପରେ,ସ୍କୁଲ ଛୁଟି ପରଠାରୁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ଗୁଣାତ୍ମକ ଫଳ ହାସଲ ନେଇ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ନେଇ ଏକ୍ସନ ପ୍ଲାନ କରାଯିବା ଚୂଡାନ୍ତ ହୋଇସାରିଛି। ଏଥିସହିତ ନବମ ଶ୍ରେଣୀରୁ ଏହାର ଅନୁଶୀଳନୀ ଆରମ୍ଭ କରାଯିବା ଜଣାପଡିଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଅମୂଲ୍ୟ କୁମାର ନନ୍ଦଙ୍କୁ ପଚାରିବାରୁ କହିଲେ, ନିଶ୍ଚିତ ଭାବେ ପ୍ରକାଶ ପାଇଥିବା ପରୀକ୍ଷାଫଳ ଗୁଣାତ୍ମକ ହୋଇନାହିଁ। କେବଳ ପରିମାଣ ଅନୁସାରେ ଫଳାଫଳ ଆସିଛି। ଆଗକୁ ଏନେଇ ବିଭାଗ ତରଫରୁ ଏକ୍ସନ ପ୍ଲାନ ହେବାର ଚୂଡାନ୍ତ ହୋଇଛି ଓ ବିଭାଗ ଧାର୍ଯ୍ୟ ଏକ୍ସନ ପ୍ଲାନରେ ବିଫଳ ହେଲେ ଉକ୍ତ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକମାନଙ୍କର ବେତନ ଏକ୍ସନ ପ୍ଲାନ ମୁତାବକ ଚୂଡାନ୍ତ କରାଯିବ ବୋଲି କହିଥିଲେ। ଏନେଇ ଜିଲା ମଙ୍ଗଳ ଅଧିକାରୀ ଭାଗରଥି ପଧାନଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବ ହୋଇ ନ ଥିଲା।

## ଭାଜପାର ବରିଷ୍ଠ ନେତାଙ୍କ ବିୟୋଗରେ ଶୋକ

ରାଉରକେଲା, ୪।୬(ବିପ୍ଲବ ରଞ୍ଜନ ଦାଶ): ଭାଜପାର ବରିଷ୍ଠ ନେତା ସୁଦାମା ଶର୍ମାଙ୍କ ୮୪ ବର୍ଷ ବୟସରେ ମଙ୍ଗଳବାର ମଧ୍ୟରାତ୍ରିରେ ତାଙ୍କ ବୀରମିତ୍ରପୁର ଦୀନଦୟାଲ ଉପାଧ୍ୟାୟ ସଡ଼କସ୍ଥ ବାସଭବନରେ ପରଲୋକ ହୋଇଛି। ଏହି ଖବର ପାଇବା ମାତ୍ରେ ଭାଜପା ମହଲରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ଶର୍ମା ତାଙ୍କର ରାଜନୈତିକ ଜୀବନ



ଭାରତୀୟ ଜନସଂଘରୁ ଆରମ୍ଭ କରି ପରେ ଭାଜପା ସହିତ ପ୍ରାରମ୍ଭରୁ ଜଡ଼ିତ ରହି ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଥିଲେ। ସେ ଜଣେ ଧର୍ମ ପରାୟଣ, ସମାଜସେବୀ, ଶାନ୍ତସ୍ୱଭାବ, ମେଳାପି ବ୍ୟକ୍ତି ଓ ସୁସଙ୍ଗଠକ ଥିଲେ। ଏହି ଦୁଃଖଦ ଖବର ପାଇ କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ ଶୋକ ପ୍ରକାଶ କରିବା ସହିତ ଶୋକାକୁଳ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ। ବୁଧବାର ରାଉରକେଲା ସାଙ୍ଗଠନିକ ଜିଲା ତରଫରୁ ଜିଲା ସଭାନେତ୍ରୀ ପୂର୍ଣ୍ଣିମା କେରକେଟା, ରାଜ୍ୟ ଉପସଭାନେତ୍ରୀ ସୁକେଶୀ ଓରାମ, ପୂର୍ବତନ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ, ରାଜ୍ୟ କୋଷାଧ୍ୟକ୍ଷ ସୁଦର୍ଶନ ଗୋଏଲ, ରାଜ୍ୟ ମୁଖପାତ୍ର ଧିରେନ ସେନାପତି, ପୂର୍ବତନ ଜିଲା ସଭାନେତ୍ରୀ ଲତିକା ପଟ୍ଟନାୟକଙ୍କ ସମେତ ସମସ୍ତ ରାଜ୍ୟ, ଜିଲା ଓ ମଣ୍ଡଳ ନେତୃବୃନ୍ଦ ଦୁଃଖ ପ୍ରକାଶ କରିବା ସହିତ ଅମର ଆତ୍ମାର ସଦଗତି ନିମନ୍ତେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିଥିଲେ।

## ବିପର୍ଯ୍ୟୟ ପ୍ରସ୍ତୁତିକୁ ସୁଦୃଢ଼ କରିବା ପାଇଁ ମକ୍‌ଡ୍ରିଲ୍

ରାଉରକେଲା, ୪।୬(ବିପ୍ଲବ ରଞ୍ଜନ ଦାଶ)

ଗ୍ୟାସ ଲିକ୍ ଏବଂ ଅଗ୍ନିକାଣ୍ଡରୁ ସୃଷ୍ଟି ହେଉଥିବା ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତିକୁ ସୁଦୃଢ କରିବା ଲକ୍ଷ୍ୟରେ ମେ ୨୪ରେ ଆର୍‌ଏସପିର ସ୍ପେଶାଲ ପ୍ଲାଣ୍ଟର ୟୁ-ସିଲ ଅଞ୍ଚଳରେ ଏକ ମକଡ୍ରିଲ ଆୟୋଜନ ହୋଇଥିଲା। ଏହା ଆର୍‌ଏସ୍‌ପିର ଅନସାଇଟ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥା ଏବଂ ଏହା ସହିତ ଜଡିତ କର୍ମଚାରୀମାନଙ୍କ ପ୍ରତିକ୍ରିୟା ମୂଲ୍ୟାଙ୍କନ କରିବା ପାଇଁ ବୈଧାନିକ ଆବଶ୍ୟକତାର ଏକ ଅଂଶ ଭାବରେ ସମ୍ପନ୍ନ କରାଯାଇଥିଲା। ଏନ୍‌ପିଏମଏ ଏସପିପି ବିଭାଗର ସିଜିଏମ ଆର.କେ ବିସାରେ, ଏସପିପି ବିଭାଗର ଜିଏମ ଇନଚାର୍ଜ ଡ. ପ୍ରସନ୍ନ କୁମାର ପାଢୀ ଏବଂ କାରଖାନାର ଅନ୍ୟ ବରିଷ୍ଠ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି ଅଭ୍ୟାସ ଅନୁଷ୍ଠିତ ହୋଇଥିଲା। ଗ୍ୟାସ ଲିକ, ଅଗ୍ନି ଓ ବିସ୍ଫୋରଣ ବିଷୟବସ୍ତୁ ଉପରେ ଆୟୋଜିତ ମକ୍ ଡ୍ରିଲରେ ତିନୋଟି ଦଳ ଯଥା କମ୍ବାଟ ଦଳ, ଉଦ୍ଧାର ଦଳ ଏବଂ ସହାୟକ ଦଳରେ ସ୍ପେଶାଲ ପ୍ଲେଟ ପ୍ଲାଣ୍ଟ, ଅଗ୍ନିଶମ ସେବା, ଇଏମଡି, ସୁରକ୍ଷା ଇଞ୍ଜିନିୟରିଂ, ସିଆଇଏସଏଫ୍ ଏବଂ ଓଏଚଏସସି ବିଭାଗର ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ବିଭିନ୍ନ ଏଜେନ୍ସିଗୁଡିକର ପ୍ରତିକ୍ରିୟା ସମୟ ଏବଂ ଗ୍ୟାସ ଲିକେଜ ସମ୍ପର୍କରେ ଏସଓପି ପାଳନକୁ ବିସ୍ତୃତ ଭାବରେ ବିଶ୍ଳେଷଣ ମଧ୍ୟ କରାଯାଇଥିଲା। ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ଉଚ୍ଚସ୍ତରର ପ୍ରସ୍ତୁତି ବଜାୟ ରଖିବା ପାଇଁ ସମୟ ସମୟରେ ଆରଏସପିର ରଣନୈତିକ ୟୁନିଟ ଗୁଡିକରେ ଏଭଳି ମକ ଅଗ୍ନି ଏବଂ ସୁରକ୍ଷା ଅଭ୍ୟାସ ଆୟୋଜନ କରାଯାଉଛି।


ମକଡ୍ରିଲ ଅଭ୍ୟାସ ଚାଲିଛି ।

## ନିଶା ନିବାରଣ ସଚେତନତା ରଥ ପରିକ୍ରମା ଶୁଭାରମ୍ଭ


ସଚେତନତା ରଥ ଶୁଭାରମ୍ଭ ହେଉଛି।

ରାଉରକେଲା,୪।୬ (ବିପ୍ଲବରଞ୍ଜନ ଦାଶ)

ରାଉରକେଲା ଅବକାରୀ ବିଭାଗ ପକ୍ଷରୁ ବୁଧବାର ସକାଳ ୮ଟାରେ ଆମ ସଂକଳ୍ପ ଅଭିଯାନ ଆୟୋଜିତ ହୋଇଯାଇଛି। ଶୁଭାରମ୍ଭ ହୋଇଥିବା ଏହି ସଂକଳ୍ପ ଅଭିଯାନ ଅବକାରୀ ବିଭାଗ ମୁଖ୍ୟ ଝସକେତନ ବେହିରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବରେ ରାଉରକେଲାର ଅତିରିକ୍ତ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣୀ ଓ ଅନ୍ୟତମ ଅତିଥି ଭାବେ ରାଉରକେଲା ବନଖଣ୍ଡ ଅଧିକାରୀ ଯଶବନ୍ତ ସେଠୀ ଯୋଗଦେଇ ପତାକା ଦେଖାଇ ଅଭିଯାନକୁ ଶୁଭାରମ୍ଭ କରିଥିଲେ। ଏ ଉପଲକ୍ଷେ ଅତିରିକ୍ତ ଜିଲାପାଳ କହିଥିଲେ, ସଂକଳ୍ପ ଅଭିଯାନ ମାଧ୍ୟମରେ ରାଜ୍ୟରେ ନିଶା ନିବାରଣ ନେଇ ବ୍ୟାପକ ଜନସଚେତନତା ସୃଷ୍ଟି କରିବା ଲକ୍ଷ୍ୟ ରହିଛି। ଏହି ସଚେତନତା ରଥ ଆସନ୍ତା ୨୬ଜୁନ ଯାଏଁ ରାଉରକେଲା ବ୍ୟାପି ସଚେତନତା ସୃଷ୍ଟି କରିବ କହିଥିଲେ। ଏଭଳି ଭାବେ ଅବକାରୀ ବିଭାଗ ମୁଖ୍ୟ ଝସକେତନ ବେହେରା ଏହି ଅଭିଯାନ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଆରମ୍ଭ ହୋଇଥିବା କହିଥିଲେ। ଆଗକୁ ଏଭଳି ସଚେତନତା ସ୍ୱାସ୍ଥ୍ୟ, ଶିକ୍ଷା, ଜଙ୍ଗଲ ଆଦି ବିଭିନ୍ନ ବିଭାଗ ସମନ୍ୱୟରେ ଆହୁରୀ କ୍ରିୟାଶୀଳ କରାଯିବ। କାର୍ଯ୍ୟକ୍ରମରେ ରାଉରକେଲାର ଅବକାରୀ ପୋଲିସ ଦଳ ସାମିଲ ହୋଇ ଅଭିଯାନକୁ ସଫଳ କରିଥିଲେ।

## ସବୁଜ ଇସ୍ପାତ ନିର୍ମାଣ ସଂକଳ୍ପ

ରାଉରକେଲା,୪।୬(ବିପ୍ଲବ ରଞ୍ଜନ ଦାଶ)

ବିଶ୍ୱବ୍ୟାପି ହେବାକୁ ଯାଉଛି ବିଶ୍ୱ ପରିବେଶ ଦିବସ ପାଳନ। ଏମିତିରେ ଆର୍‌ଏସପି ସ୍ଥାୟୀ ବିକାଶ ଏବଂ ଅଗ୍ରଣୀ ପରିବେଶ ପରିଚାଳନା ପ୍ରତି ତାର ଦୃଢ ପ୍ରତିବଦ୍ଧତାକୁ ଦୋହରାଉଛି। ନବସୃଜନ ଏବଂ ଦାୟିତ୍ୱର ଐତିହ୍ୟ ସହିତ ପରିବେଶ ଅନୁକୂଳ ଇସ୍ପାତ ନିର୍ମାଣରେ ନୂତନ ମାନଦଣ୍ଡ ମାନ ସ୍ଥାପନ କରିଚାଲିବା ସହ ଶିଳ୍ପ ଅଭିବୃଦ୍ଧି ଏବଂ ପରିବେଶଗତ ସଂରକ୍ଷଣ ମଧ୍ୟରେ ଏକ ସୂକ୍ଷ୍ମ ସନ୍ତୁଳତା ରକ୍ଷା କରୁଛି ଆର୍‌ଏସ୍‌ପି। କାର୍ବନ ନିର୍ଗମନ ହ୍ରାସ କରିବା ଠାରୁ ଜଳ ସଂରକ୍ଷଣ ଓ ସବୁଜିମାର ବଳୟ ବିସ୍ତାର କରିବା ପର୍ଯ୍ୟନ୍ତ ପ୍ରକୃତି ସହିତ ଆରଏସପି ତାର ସମନ୍ୱୟତାକୁ ବଜାୟ ରଖିଛି। ଯାହାର ଜ୍ୱଳନ୍ତ ଉଦାହରଣରେ ଜିରୋ ଲିକ୍ୱିଡ ଡିସଚାର୍ଜ ବା ଶୂନ୍ୟ ବର୍ଜ୍ୟ ଜଳ ପ୍ରକଳ୍ପ ଅଧିନରେ ଟ୍ରିଟମେଂଟ ସିଷ୍ଟମ-୧ ର ସଫଳ କମିଶନିଙ୍ଗ ମାଧ୍ୟମରେ ତରକେରା ପମ୍ପ ହାଉସରୁ ମଧୁର ଜଳ ଉଠାଣରେ ଉଲ୍ଲେଖନୀୟ ହ୍ରାସ ଘଟାଇବା। ୨୦୨୪-୨୫ ଆର୍ଥିକ ବର୍ଷରେ ଆପେକ୍ଷିକ ଜଳ ଉପଯୋଗ ସର୍ବକାଳୀନ ସର୍ବନିମ୍ନ ଅଶୋଧିତ ଇସ୍ପାତ ଟନ ପିଛା ୨.୯୮ ଘନମିଟର ବିନିଯୋଗ ହେବ। ଏଥିସମେତ ଟ୍ରିଟମେଂଟ ସିଷ୍ଟମ-୨ ପାଇଁ ମଧ୍ୟ ଏହା କାର୍ଯ୍ୟକାରୀ ହେବ। ଯାହାକି ଆଗାମୀ ୧୮ମାସ ମଧ୍ୟରେ ସମାପ୍ତ ହେବ। ଆର୍‌ଏସ୍‌ପିର ଏହି ପ୍ରୟାସ ଅଧିକ ଜଳ ଦକ୍ଷତା ହାସଲ ପଥକୁ ବହୁ ପ୍ରଶସ୍ତ କରିଛି। ଏହିଭଳି ଶକ୍ତି ଦକ୍ଷତା ବୃଦ୍ଧି କରିବା ଓ ସ୍ଥାୟୀ କାର୍ଯ୍ୟକୁ ପ୍ରୋତ୍ସାହିତ କରିବା ପାଇଁ ସିଂଟର କୁଲରରୁ ଅପଚୟ ଉତାପକୁ ଧାରଣ ସହକାରେ ଉତ୍ପାଦନ ପ୍ରକ୍ରିୟାରେ ପୁନଃଉପଯୋଗ ପାଇଁ ଆରଏସପିରେ ସିଂଟର ପ୍ଲାଣ୍ଟ-୩ ଏବଂ ୨ର ଅପଚୟ ଉତାପ ପୁନରୁଦ୍ଧାର ପ୍ରଣାଳୀ ସ୍ଥାପନ ହୋଇଛି। ଯାହା କୋକ ବ୍ରିଜ ବ୍ୟବହାରରେ ଗୁରୁତ୍ୱପୂର୍ଣ୍ଣ ହ୍ରାସ ଆଣିଛି। ଏସପି-୩ ରେ ପ୍ରତି ଟନ୍ ସିଂଟରରେ ପ୍ରାୟ ୪କିଗ୍ରା ଏବଂ ଏସପି-୨ ରେ ପ୍ରତି ଟନ୍ ୨କିଲୋଗ୍ରାମ କୋକ ବ୍ରିଜ ବ୍ୟବହାର ହ୍ରାସ ପାଇଛି ।। ଯାହା ସମ୍ବଳ ସଂରକ୍ଷଣ ଓ କାର୍ବନ ପଦାଙ୍କ ହ୍ରାସ କରିବାରେ ବିଶେଷ ଭୂମିକା ତୁଲାଇଛି।

## ଲେଡି ଲାୟନର ଶିଶୁ ମହୋତ୍ସବ

ରାଉରକେଲା,୪।୬(ବିପ୍ଲବରଞ୍ଜନ ଦାଶ)-ସାମାଜିକ ଅନୁଷ୍ଠାନ ଲେଡି ଲାୟନର ଏକ ଶିଶୁ ମହୋତ୍ସବ 'ଶିଶୁ ବିଜିନେସ କାର୍ନିଭାଲ' ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲେଡି ଲାୟନର ସଭାପତି ବନ୍ଦିତା ମାହାତୋ ସଭାପତିତ୍ୱ କରିଥିଲେ। ସାଧାରଣ ସମ୍ପାଦକ ସ୍ନେହଲତା ଗନ୍ତାଘରିଆଙ୍କ ଆବାହକତ୍ୱ ଓ କବିତା ମାହାତୋଙ୍କ ସଂଯୋଜନାରେ ଏଫ୍‌ଇଟୁ ମଲ୍‌ଠାରେ ଶିଶୁ ମହୋତ୍ସବ ଶିଶୁ ବିଜିନେସ କାର୍ନିଭାଲ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ପ୍ରାୟ ୫୦ଟି ଷ୍ଟଲ୍ ଲାଗି ଥିବାବେଳେ ଶିଶୁମାନେ ପ୍ରସ୍ତୁତ କରିଥିବା ଖେଳ ସାମଗ୍ରୀ, ହାତ ପ୍ରସ୍ତୁତି ଖାଦ୍ୟ ପଦାର୍ଥ, ଆର୍ଟ ସହ ସେମାନଙ୍କ ମଧ୍ୟରେ ନାଚଗୀତ ପ୍ରସ୍ତୁତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଡ. କଲ୍ୟାଣୀ ମିଶ୍ର, ହରିହର ରାଉତରାୟ, ଜିତେନ୍ଦ୍ର ପ୍ରସାଦ ସମାଜସେବୀ କମଲ ଅଗ୍ରୱାଲ, ସୁନିଲ କାୟଲ, ଅଶୋକ କକ୍କଡ, ଡାକ୍ତର ରାମଚନ୍ଦ୍ର ମେହେର ପ୍ରମୁଖ ଯୋଗଦେଇଥିଲେ। ଶିଶୁ ମାନଙ୍କୁ ବ୍ୟବସାୟ ପ୍ରତି ଆକୃଷ୍ଟ କରିବା ଓ ନିଜ ଭିତରେ ଥିବା ଅନ୍ତର୍ନିହିତ ଶକ୍ତିର ବିକାଶ କରିବା ଏହାର ମୂଳ ଉଦ୍ଦେଶ୍ୟ ବୋଲି ମତ ରଖିଥିଲେ। ଏହି ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଧନମାୟା ବିଷ୍ଟ, ଅନୁପମା ଦାସ, ଫୁଲମଣୀ ସମାଦ, ଲକ୍ଷ୍ମୀ ମିଶ୍ର, ସୁଚିତ୍ରା ଦର୍ଜି, ଶୈଳବାଳା ମହାନ୍ତି, ଛବିରାଣୀ ପାତ୍ର, ଚନ୍ଦନା ସିଂହ ପ୍ରମୁଖ ସହଯୋଗ କରିଥିଲେ।



ଶିଶୁ ବିଜିନେସ କାର୍ନିଭାଲରେ ଅତିଥି ଓ କର୍ମକର୍ତ୍ତା।

## ଜଳଛତ୍ର ଥାଇ ବି ମେଣ୍ଟୁନି ଶୋଷ

- ଜଳବଣ୍ଟନ ଦାୟିତ୍ୱରେ କେହି ରହୁନାହାନ୍ତି
- ଲୋକେ ପାଣି ନ ପାଇ ଫେରୁଛନ୍ତି

ରାଉରକେଲା, ୪।୬(ବିପ୍ଲବ ରଞ୍ଜନ ଦାଶ)

ରାଉରକେଲା ସହରରେ ଦିନ ସମୟରେ ପ୍ରବଳ ଖରା ଅନୁଭୂତ ହେଉଛି। ସନ୍ଧ୍ୟା ହେଲେ ହେଉଛି ଝଡତୋଫାନ। ଦିନବେଳା ପ୍ରବଳ ଖରାରେ ସହରର ଲୋକମାନେ ଡହଳବିକଳ ହେଉଛନ୍ତି। ଶୋଷ ଲାଗିଲେ ପିଇବାକୁ ପାଣି ମିଳୁନାହିଁ। ସହରରେ ଜଳଛତ୍ର ଥାଇ ବି ମେଣ୍ଟୁନି ଲୋକଙ୍କ ଶୋଷ। ଜଳଛତ୍ରରେ ଜଳ ଦେବା ଲାଗି ନିୟୋଜିତ ବ୍ୟକ୍ତିମାନେ ରହୁ ନାହାନ୍ତି। ଲୋକେ ଶୋଷରେ ଜଳଛତ୍ରକୁ ଯାଇ ଫେରୁଛନ୍ତି। ରାଉରକେଲା ମହାନଗର ନିଗମ ତରଫରୁ ସହରର ଲୋକଙ୍କୁ ଖରା ସମୟରେ ଜଳବଣ୍ଟନ ଲାଗି ସହରର ୨୦ଟି ଜନବହୁଳ ସ୍ଥାନରେ ଜଳଛତ୍ର ସ୍ଥାପନ କରାଯାଇଛି। ସମସ୍ତ ଜଳଛତ୍ରରେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି) ମହିଳାମାନଙ୍କୁ ଆର୍‌ଏମ୍‌ସି (ରାଉରକେଲା ମହାନଗର ନିଗମ) ପକ୍ଷରୁ ଜଳବଣ୍ଟନ ଦାୟିତ୍ୱ ପ୍ରଦାନ କରାଯାଇଛି। ଆର୍‌ଏମ୍‌ସି ପକ୍ଷରୁ ପ୍ରତ୍ୟେକ ଜଳଛତ୍ରକୁ ୫ଟି ଲେଖାଏଁ ମାଟି ମାଠିଆ ଦିଆଯାଇଛି। ଜଳଛତ୍ର କେନ୍ଦ୍ର ଛାଉଣୀ ଏବଂ ପ୍ରତ୍ୟେକ ଦିନ ଟ୍ୟାଙ୍କର ମାଧ୍ୟମରେ ଜଳଛତ୍ରଗୁଡିକୁ ଜଳ ଯୋଗାଯାଉଛି। ପରିତାପର ବିଷୟ ଜଳଛତ୍ର ପାଇଁ ଆର୍‌ଏମ୍‌ସି ଏତେସବୁ କରିବା ସତ୍ତ୍ୱେ ଜଳଛତ୍ର ନିୟୋକ୍ତାମାନେ ଲୋକଙ୍କୁ ଜଳ ପ୍ରଦାନ କାର୍ଯ୍ୟ ଠିକ ଭାବେ କରୁ ନ ଥିବା ଅଭିଯୋଗ ହେଉଛି। କେତେକ ଜଳଛତ୍ରରେ କେହି ରହୁନାହାନ୍ତି। ସହରର ବିଭିନ୍ନ ଛକରୁ ବିଭିନ୍ନ ଦୂରଦୂରାନ୍ତକୁ ବସଯୋଗେ ଯାତ୍ରା କରୁଥିବା ଯାତ୍ରୀମାନେ ହଇରାଣ ହେଉଛନ୍ତି। ବସକୁ ଅପେକ୍ଷା କରିବା ସମୟରେ ଶୋଷ ଲାଗିଲେ ଜଳଛତ୍ରକୁ ଗଲେ ଜଳ ଦେବାକୁ କେହି ନ ଥାନ୍ତି। ଅନ୍ୟପଟେ ବହୁ ଜଳଛତ୍ରରେ ମାଠିଆ ରହୁଛି, ମାତ୍ର ମାଠିଆରେ ପାଣି ରହୁନାହିଁ। ବିଭାଗୀୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ ହେବା ଜରୁରୀ ହୋଇପଡିଛି ବୋଲି ମତପ୍ରକାଶ ପାଇଛି। ଏନେଇ ଆର୍‌ଏମ୍‌ସି ସହକାରୀ ଆୟୁକ୍ତ ଅଭିଶେକ ମିଶ୍ରଙ୍କୁ ପଚାରିବାରୁ କହିଲେ, ଏନେଇ ଆମ ପାଖକୁ ଅନେକ ଅଭିଯୋଗ ଆସିଛି। ସମସ୍ତ ଜଳଛତ୍ରକୁ ପରିଦର୍ଶନ କରାଯିବ। ଜଳଛତ୍ରରେ ଜଳ ବିତରଣ ନେଇ ଯେଉଁମାନେ ଖିଲାପି କରୁଛନ୍ତି ସେମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ସହରର ଏକ ଜଳଛତ୍ର ଜନଶୂନ୍ୟ ରହିଛି।

# ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି

■ହାତରେ ଟୋକନ ଥାଇ ଚାଷୀ ହେଉଥିଲେ ହଟହଟା
■ଧାର୍ଯ୍ୟ ଲକ୍ଷ୍ୟର ୮୬ ପ୍ରତିଶତ ଧାନ ସଂଗ୍ରହ ସରିଛି
■ଅତିରିକ୍ତ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ଧାନ କ୍ରୟ ହେବ

ସମ୍ବଲପୁର,୪।୬(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲାରେ ଚଳିତ ରବି ଧାନ ସଂଗ୍ରହ ପାଇଁ ଧାର୍ଯ୍ୟ ଲକ୍ଷ୍ୟର ୮୬ ପ୍ରତିଶତରୁ ଊର୍ଦ୍ଧ୍ୱ ପୂରଣ ହୋଇସାରିଛି। ତେବେ କେତେକ ସ୍ଥାନରେ ହାତରେ ଟୋକନ୍ ଥାଇ ମଧ୍ୟ ଧାନ ବିକ୍ରି କରିବାରେ ଚାଷୀଙ୍କୁ ହଟହଟା ହେବାକୁ ପଡୁଥିଲା। ମାତ୍ର ଆଗକୁ ଚାଷୀଙ୍କୁ ଏଭଳି ହଟହଟା ହେବାକୁ ପଡ଼ିବ ନାହିଁ। କାରଣ ଜିଲାରେ ଧାନର ଅମଳ ଓ ଚାଷୀଙ୍କ ଆବଶ୍ୟକତାକୁ ଦେଖି ରାଜ୍ୟ ସରକାର ମଙ୍ଗଳବାର ସନ୍ଧ୍ୟାରେ ପ୍ରାଥମିକ ଭାବେ ଧାନ ସଂଗ୍ରହ ଲକ୍ଷ୍ୟକୁ ଅତିରିକ୍ତ ୨ ଲକ୍ଷ ୧୯ ହଜାର କ୍ୱିଣ୍ଟାଲ ବୃଦ୍ଧି କରିଛନ୍ତି।

ଗତ ଏପ୍ରିଲ୍ ୩୦ ତାରିଖରେ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜିଲା ସ୍ତରୀୟ ଧାନ ସଂଗ୍ରହ କମିଟି(ଡିଏଲ୍‌ପିସି) ବୈଠକରେ ଜିଲାର ୧୦ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)ଙ୍କ ସହିତ ୩୨ଟି ପ୍ରାଥମିକ କୃଷି ସମବାୟ ସମିତି(ପିଏସିଏସ୍) ଓ ବୃହତ୍ ଅଞ୍ଚଳ ବହୁମୁଖୀ ସମିତି(ଏଲ୍‌ଏଏମ୍‌ପିଏସ୍) ମିଶି ମୋଟ ୫୮ଟି କ୍ରୟ କେନ୍ଦ୍ର ଜରିଆରେ ଧାନ ସଂଗ୍ରହ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ଜିଲାର ମୋଟ ୧୬ ହଜାର ୩୪୮ ଜଣ ଚାଷୀଙ୍କଠାରୁ ୮ ଲକ୍ଷ ୭୩ ହଜାର ୧୭୦କ୍ୱିଣ୍ଟାଲ ଧାନ ସଂଗ୍ରହ ଧାର୍ଯ୍ୟ ହୋଇଥିଲା। ଗତ ମେ ୧୪ରୁ ସମ୍ବଲପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଜିଲାରେ ବର୍ତ୍ତମାନ ସୁଦ୍ଧା ହସ୍ତଗତ ଶେଷ ସୂଚନା ଅନୁସାରେ ମୋଟ ୮୮୬୬ ଜଣ ଚାଷୀଙ୍କଠାରୁ ଏପର୍ଯ୍ୟନ୍ତ ୭ ଲକ୍ଷ ୫୧ହଜାର ୬୬୫.୬୬ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇସାରିଛି। ବର୍ତ୍ତମାନ ସୁଦ୍ଧା ଜିଲାର ଆହୁରି ୭୪୮୨ ଜଣ ଚାଷୀ ସେମାନଙ୍କ ଧାନ ବିକ୍ରୟ ପାଇଁ ଅପେକ୍ଷା କରିଛନ୍ତି। ସେମାନଙ୍କ ନିକଟରେ ଧାନ ବିକ୍ରି ପାଇଁ ଟୋକନ ଥାଇ ସୁଦ୍ଧା ଧାନକୁ ବିକ୍ରୟ କରିବାରେ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଅଦିନିଆ ବର୍ଷା ଫଳରେ ଫସଲ ନଷ୍ଟ ଓ ବିଳମ୍ବ ଅମଳ ହେତୁ ସେମାନେ ଏହି ସମସ୍ୟାର ସମ୍ମୁଖୀନ ହୋଇଥିବା କୁହାଯାଇଛି। ଅପରପକ୍ଷରେ ଜିଲାରେ ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହେବା ଉପରେ। ମାତ୍ର କେତେକ କେନ୍ଦ୍ର ଧାନ ସଂଗ୍ରହ ଲକ୍ଷ୍ୟ ପୂରଣ ହୋଇସାରିଥିବା ବେଳେ ଆହୁରି ଅନେକ ପିଏସିଏସ୍ ବା ଏଲ୍‌ଏଏମ୍‌ପିଏସ୍ ଲକ୍ଷ୍ୟଠାରୁ ବହୁ ଦୂରରେ ରହି ଯାଇଛନ୍ତି। ମାତ୍ର ଧାନ ସଂଗ୍ରହ ପ୍ରକ୍ରିୟାରେ ସମ୍ପୃକ୍ତ ଚାଷୀ ନାମ ପଞ୍ଜୀକୃତ ହୋଇଥିବା ପିଏସିଏସ୍ ବା ଏଲ୍‌ଏଏମ୍‌ପିଏସ୍‌ରେ ହିଁ ଧାନ ବିକ୍ରୟ କରିବାର ନିୟମ ରହିଛି। ତେଣୁ ଟୋକନ୍ ଥାଇ ସୁଦ୍ଧା ଅନେକ ଚାଷୀ ଧାନ ବିକ୍ରି କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ଜିଲାର ବିଭିନ୍ନ ପିଏସିଏସ୍ ବା ଏଲ୍‌ଏଏମ୍‌ପିଏସ୍‌ର ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି କରିବା ଆବଶ୍ୟକ ହୋଇ ପଡ଼ିଥିଲା। ଏନେଇ ଗତ ମେ ୩୦ରେ ଜିଲା ଚାଷୀ ସଙ୍ଗଠନ ସଭାପତି ଉମେଶ କୁମାର ମିଶ୍ରଙ୍କ ନେତୃତ୍ୱରେ ଏକ ଚାଷୀ ପ୍ରତିନିଧି ଦଳ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ କୁମାର ହୋତା ଓ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କୁ ସାକ୍ଷାତ କରି ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି ପାଇଁ ଅନୁରୋଧ କରିଥିଲେ। ଉକ୍ତ ପ୍ରତିନିଧିଙ୍କ ସହ ଆଲୋଚନା କରି ଉଭୟ ଜିଲା ଯୋଗାଣ ଅଧିକାରୀ ଓ ଜିଲାପାଳ ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏ ସମ୍ପର୍କରେ ସମ୍ବଲପୁର ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ହୋତା କହିଛନ୍ତି, ଚାଷୀ ପ୍ରତିନିଧିଙ୍କ ଅନୁରୋଧ ସହିତ ଜିଲାରେ ଚାଷୀମାନଙ୍କ ଅସୁବିଧା ଓ ପରିସ୍ଥିତିକୁ ଅନୁଧ୍ୟାନ ପୂର୍ବକ ସରକାରଙ୍କ ପକ୍ଷରୁ ଜିଲାରେ ଧାନ ସଂଗ୍ରହ ଲକ୍ଷ୍ୟ ବୃଦ୍ଧି କରାଯାଇଛି। ତେବେ ଆଗକୁ ଆବଶ୍ୟକତାକୁ ଦେଖି ଧାନ ସଂଗ୍ରହ ଲକ୍ଷ୍ୟକୁ ଆହୁରି ବୃଦ୍ଧି କରାଯିବ ବୋଲି ସେ କହିଛନ୍ତି।



ସମ୍ବଲପୁର ଜିଲାର ଧାନ ସଂଗ୍ରହ କେନ୍ଦ୍ରକୁ ବିକ୍ରୟ ପାଇଁ ଆସିଥିବା ଟ୍ରାକ୍ଟର ବୋଝେଇ ଚାଷୀଙ୍କ ଧାନ।

# କେନ୍ଦୁପତ୍ର ସଂଗ୍ରହ ପରିମାଣ ହ୍ରାସକୁ ନେଇ ଉଦ୍‌ବେଗ



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ୱେଲଫେୟାର ବୋର୍ଡର ପୂର୍ବତନ ଉପଦେଷ୍ଟା ସଞ୍ଜିତ ମହାନ୍ତି ସାକ୍ଷାତ୍ କରୁଛନ୍ତି।

**ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ କେନ୍ଦୁପତ୍ର ସଂଘ ସଙ୍ଗଠନ ସମ୍ପାଦକ**

■ଆର୍ଥିକ ସହାୟତା ଘୋଷଣାକୁ ସ୍ୱାଗତ
■କନ୍ୟା ବିବାହ ସହାୟତା ବାତିଲ, ବୋନସ ପରିମାଣରେ ହ୍ରାସ
■କେନ୍ଦୁପତ୍ର ତୋଳାଳି ସଂଖ୍ୟା କମିବା ଆଶଙ୍କା

ସମ୍ବଲପୁର,୪।୬(ବି.ଶଙ୍କର)

କେନ୍ଦୁପତ୍ର ତୋଳାଳି, କର୍ମଚାରୀ ଓ ବନ୍ଧେଇ ଶ୍ରମିକମାନଙ୍କ ପାଇଁ ସାମାଜିକ ସୁରକ୍ଷା ଯୋଜନାରେ କେନ୍ଦୁପତ୍ରର ଲାଭାଂଶରୁ ୪୧କୋଟି ୧୭ଲକ୍ଷ ଟଙ୍କା ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେବଗଡ଼ ଜିଲା ଗସ୍ତ କାର୍ଯ୍ୟକ୍ରମରେ ଘୋଷଣା କରିଛନ୍ତି। ଆର୍ଥିକ ସହାୟତା ଘୋଷଣା ଯୋଗୁ ଚପଲ ପାଇଁ ୧୬୦ ଟଙ୍କା, ପତ୍ର ସଂଗ୍ରହ କପଡ଼ା ପାଇଁ ୨୦୦ଟଙ୍କା, ଟୋପି ପାଇଁ ୧୦୦ଟଙ୍କା ଏବଂ ବନ୍ଧେଇ ଶ୍ରମିକଙ୍କ କମ୍ବଳ ଓ ମଶାରି ପାଇଁ ୭୦୦ ଟଙ୍କା ପ୍ରଦାନ କରାଯିବ। ଏହି ଘୋଷଣା ଦ୍ୱାରା ୯ ଲକ୍ଷ ତୋଳାଳି ଓ କର୍ମଚାରୀ ଲାଭବାନ ହେବେ। ଏହି ଆର୍ଥିକ ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱରସ୍ଥିତ ତାଙ୍କ କାର୍ଯ୍ୟାଳୟରେ ୱେଲଫେୟାର ବୋର୍ଡର ପୂର୍ବତନ ଉପଦେଷ୍ଟା ତଥା ଓଡ଼ିଶା କେନ୍ଦୁପତ୍ର ସଂଘର ସଙ୍ଗଠନ ସମ୍ପାଦକ ସଞ୍ଜିତ ମହାନ୍ତି ସ୍ୱାଗତ କରିଛନ୍ତି। ଏଥିସହ ଚଳିତବର୍ଷ କିଛି ଭୁଲ୍ ନିଷ୍ପତ୍ତି ଯୋଗୁ ବିଭିନ୍ନ ଡିଭିଜନରେ ପତ୍ର ସଂଗ୍ରହ ପରିମାଣ କମିବାରୁ ଉଦ୍‌ବେଗ ପ୍ରକାଶ କରିଛନ୍ତି। କନ୍ୟା ବିବାହ ସହାୟତା ବନ୍ଦ ହେବା ଏବଂ ବୋନସ ପରିମାଣ ହ୍ରାସ ଯୋଗୁ ନବରଙ୍ଗପୁର, ଜୟପୁର, ଭବାନୀପାଟଣା ପ୍ରଭୃତି ଡିଭିଜନରେ ସାମୟିକ ଭାବରେ ଘରୋଇ କମ୍ପାନୀମାନେ ଅଧିକ ଦରରେ ପତ୍ର କିଣିବାରୁ ସରକାରୀ ଫଡ଼ିରେ ପତ୍ର ସଂଗ୍ରହ କମିଛି। ଝାରସୁଗୁଡ଼ା, ରାଉରକେଲା ପ୍ରଭୃତି ଡିଭିଜନରେ ଅତ୍ୟଧିକ ଶିଳ୍ପାୟନ ଓ ପ୍ରଦୂଷଣ ଯୋଗୁ ମଧ୍ୟ ପତ୍ର ସଂଗ୍ରହ କମିଛି। ସେହିପରି ୧୮ ଜୁଲାଇ ୨୦୨୪ରୁ ସର୍ବନିମ୍ନ ମଜୁରି ବୃଦ୍ଧି ସତ୍ତ୍ୱେ ଋତୁକାଳୀନ କର୍ମଚାରୀଙ୍କ ଦରମା ବୃଦ୍ଧି ନ ହେବା କର୍ମଚାରୀ ଶୋଷଣର ଉଦାହରଣ ହୋଇଛି। କନ୍ୟା ବିବାହ ସହାୟତା ବାତିଲ ଓ ବୋନସ ପରିମାଣରେ ହ୍ରାସ ଯୋଗୁ ତୋଳାଳି ସଂଖ୍ୟା କମିବା ମଧ୍ୟ ଆଶଙ୍କା ଅଛି। ଏହି ସଂସ୍ଥାରେ ଘରୋଇକରଣ ପାଇଁ କରାଯାଉଥିବା ଷଡ଼ଯନ୍ତ୍ରକୁ ବନ୍ଦ କରିବା ଓ ୧ କୋଟି ଶ୍ରମ ଦିବସ ସୃଷ୍ଟି କରୁଥିବା ଏହି ସଂସ୍ଥା ପ୍ରତି ସରକାର ଆହୁରି ଯତ୍ନଶୀଳ ହେବା ପାଇଁ ସଙ୍ଗଠନ ସମ୍ପାଦକ ମହାନ୍ତି ମୁଖ୍ୟମନ୍ତ୍ରୀ ମାଝୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ୧୦ କୋଟି ଗଛ ଲଗାଇବା ଲକ୍ଷ୍ୟ

**ମା' ପାଇଁ ଗଛଟିଏ ୨.୦ ଅଭିଯାନ ପାଇଁ ଆହ୍ୱାନ**

ସମ୍ବଲପୁର,୪।୬(ଭବାନୀ ଶଙ୍କର ଭୋଇ)

ମା'ଙ୍କ ନାମରେ ଗୋଟିଏ ଗଛ ଲଗାଇ ପ୍ରକୃତିକୁ ସମ୍ମାନ ଦେବାକୁ, ପ୍ରଧାନମନ୍ତ୍ରୀଙ୍କ 'ମିଶନ ଲାଇଫ' ସଫଳ କରିବାକୁ ବୁଧବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ଏହି ବୃହତ୍ ବୃକ୍ଷରୋପଣ ଅଭିଯାନକୁ ବ୍ୟାପକ କରିବା ପାଇଁ ମା'ଙ୍କ ନାମରେ ଗୋଟିଏ ଗଛ ୨.୦ର ଶୁଭାରମ୍ଭ ହେଉଛି। ଏହି ଦ୍ୱିତୀୟ ପର୍ଯ୍ୟାୟ ଅଭିଯାନ ଜୁନ ୫ ବିଶ୍ୱ ପରିବେଶ ଦିବସରୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ୧୦ କୋଟି ଗଛ ଲଗାଇବା ପାଇଁ ଦେଶବାସୀ ବିଶେଷ ଭାବେ ଛାତ୍ରୀଛାତ୍ରଙ୍କୁ ଭିଡିଓ ମେସେଜ ଜରିଆରେ କେନ୍ଦ୍ରମନ୍ତ୍ରୀ ଆହ୍ୱାନ କରିଛନ୍ତି। ସମ୍ବଲପୁର ସଂସଦୀୟ କ୍ଷେତ୍ରର ଜନସାଧାରଣଙ୍କୁ ମଧ୍ୟ ଏହି ଅଭିଯାନରେ ସକ୍ରିୟ ଭାବେ ସାମିଲ ହେବାକୁ ସେ ଆହ୍ୱାନ କରିଛନ୍ତି। ଏହି ଅଭିଯାନ ଅଧୀନରେ ସମଗ୍ର ଭାରତବର୍ଷରେ ସାଢ଼େ ୫ କୋଟିରୁ ଅଧିକ ଗଛ ଲଗାଯାଇଛି। ଏହା କେବଳ ଏକ ଗଛ ନୁହେଁ, ବରଂ ମା'ଙ୍କ ପ୍ରତି ଥିବା ଆମର ସ୍ନେହ, ଶ୍ରଦ୍ଧା ଓ ଭଲପାଇବାର ଏକ ନିଚ୍ଛକ ପ୍ରମାଣ। ଏହା ମାଟି ମା' ପ୍ରତି ଆମର ପ୍ରେମ ଏବଂ ନିବିଡ଼ତାର ପ୍ରତୀକ। ଛତିଶଗଡ଼ରେ ଶିଶୁ ଏବଂ ମା' ଭଉଣୀଙ୍କ ଦ୍ୱାରା ପ୍ରସ୍ତୁତ ସିଡ୍ ବଲ, ତ୍ରିପୁରାରେ ଗଛ ଲଗାଇବା ପାଇଁ ନିଆଯାଇଥିବା ପଦକ୍ଷେପ ଏବଂ ରାଜସ୍ଥାନରେ ୧.୫ କୋଟିର ଚାରାରୋପଣ ଏହି ଅଭିଯାନକୁ ନୂଆ ପରିଚୟ ଦେଇଛି। ଓଡ଼ିଶା ପ୍ରଦେଶ ସମେତ ସମଗ୍ର ଦେଶବାସୀଙ୍କ ପ୍ରଚେଷ୍ଟା ଏହି ରାଷ୍ଟ୍ରୀୟ ଅଭିଯାନକୁ ଏକ ଜନଆନ୍ଦୋଳନରେ ପରିଣତ କରିଛି। ଏହି ଅଭିଯାନରେ ୨୯ ଲକ୍ଷରୁ ଅଧିକ ଛାତ୍ରୀଛାତ୍ର ୫୦ ଲକ୍ଷରୁ ଅଧିକ ଗଛ ପାଇଁ କ୍ୟୁଆର୍ କୋଡ୍ ତିଆରି କରିଛନ୍ତି। ଏହା ହିଁ ଭାରତର ବିଶାଳ ପରିବେଶ ଜ୍ଞାନକୁ ଡିଜିଟାଲ ଏବଂ ସୁଲଭ କରିଛି। ଏହାଦ୍ୱାରା ଏକ ସବୁଜ ଆନ୍ଦୋଳନର ସୂତ୍ରପାତ ହେବା ସହ ପରିବେଶ ସୁରକ୍ଷା ସମ୍ଭବ ହେବ ବୋଲି ପ୍ରଧାନ ଆଶାବ୍ୟକ୍ତ କରିଛନ୍ତି।

# ପରିବେଶ ସୁରକ୍ଷା ସମୟର ଆହ୍ୱାନ



ବିଶ୍ୱ ପରିବେଶ ଦିବସ ସଭାରେ ଅତିଥି ଓ ବକ୍ତାମାନେ ଶପଥ ପାଠ କରୁଛନ୍ତି।

**ପବ୍ଲିକ ଲାଇବ୍ରେରିରେ ପରିବେଶ ସଚେତନତା କାର୍ଯ୍ୟକ୍ରମ**

ସମ୍ବଲପୁର,୪।୬(ବି.ଶଙ୍କର)

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ସମ୍ବଲପୁର ପବ୍ଲିକ ଲାଇବ୍ରେରି ପକ୍ଷରୁ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପରିବେଶ ସଚେତନତା ସଭା ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଲାଇବ୍ରେରି ସଭା ଗୃହରେ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଡା. ସତ୍ୟନାରାୟଣ ନନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ସମ୍ପ୍ରତି ଆମ ପରିବେଶର ପ୍ରଦୂଷଣ ଓ ଏହାର ନିୟନ୍ତ୍ରଣ ପାଇଁ ପିଲାମାନେ କିପରି ନିଜ ଘରେ ବିଦ୍ୟୁତ୍, ମୋବାଇଲ ଓ ଗାଡ଼ି ମୋଟର ବ୍ୟବହାର ପ୍ରତି ସଜାଗ ହୋଇ ସଚେତନତା ସୃଷ୍ଟି କରି ପ୍ରଦୂଷଣ ରୋକିପାରିବେ ସେ ଦିଗରେ ବୁଝାଇଥିଲେ। ପ୍ରକୃତପକ୍ଷେ ପରିବେଶ ସୁରକ୍ଷା ଏକ ସମୟର ଆହ୍ୱାନ ବୋଲି ଡା. ନନ୍ଦ ମତବ୍ୟକ୍ତ କରିଥିଲେ।

ସଭାପତୀୟ ଅଭିଭାଷଣରେ ପ୍ରଫେସର ପାଢ଼ୀ ପିଲାମାନେ ପରିବେଶ ସୁରକ୍ଷା ଦିଗରେ ଆଦର୍ଶ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଚନ୍ଦ୍ରଶେଖର ବେହେରା ଜିଲା ସ୍କୁଲ ପରିସରରେ ଚାରାରୋପଣ କରାଯାଇଥିଲା। ସମସ୍ତ କାର୍ଯ୍ୟକ୍ରମକୁ ଶିକ୍ଷାବିତ୍ ରାଜେନ୍ଦ୍ର ପଣ୍ଡା ପରିଚାଳନା କରିଥିବା ବେଳେ ଲାଇବ୍ରେରି ଓ ପ୍ରଦୂଷଣ ବୋର୍ଡ ପକ୍ଷରୁ ପୃଥ୍ୱୀରାଜ ମିଶ୍ର, ପ୍ରଫୁଲ୍ଲ ହୋତା, ବିଜୟ ସାହୁ, ସୁସ୍ମିତା ନାୟକ, ଅଂଶୁମାଳା କୁସୁମ ମିଞ୍ଜ, ମନୋରଞ୍ଜନ ପ୍ରଧାନ, ଶୁଭ୍ରାଂଶୁ ପାତ୍ର, ବସନ୍ତ ନାୟକ ଯୋଗଦେଇ ନିଜସ୍ୱ ମତ ଉପସ୍ଥାପନ କରିଥିଲେ। ସ୍କୁଲ ଛାତ୍ରୀଛାତ୍ର ଓ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ତୁଷାର ଓ ଜିଲୁ କୁମୁରା ସହଯୋଗ କରିଥିଲେ। ସମ୍ପାଦକ ରଘୁନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ ଧକ୍କାରେ ଯୁବକ ମୃତ, ମହିଳା ଗୁରୁତର

ରେଢାଖୋଲ,୪।୬(ଅଚ୍ୟୁତାନନ୍ଦ ପୁରୋହିତ)

ସମ୍ବଲପୁର ଜିଲା ରେଢାଖୋଲ ଥାନା ରାମପୁର-ଗୋବିନ୍ଦପୁର ରାସ୍ତାର ପୋଡାବଲଣ୍ଡା ରେଲୱେ ଓଭରବ୍ରିଜ ନିକଟରେ ବୁଧବାର ଟ୍ରକ ଧକ୍କାରେ ବାଇକରେ ଥିବା ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଚାରମାଳ ଥାନା ଚୁଡାପୁଡୁଗ ଗ୍ରାମର ଲକ୍ଷିନ୍ଦ୍ର ମିର୍ଦ୍ଧା(୩୫)। ଦୁର୍ଘଟଣାରେ ଗୁରୁତର ମହିଳା କିଶୋରନଗର ଥାନା ଅଙ୍ଗପଡା ଗ୍ରାମର ଡଲି ମିର୍ଦ୍ଧା(୨୮)ଙ୍କୁ ବୁର୍ଲା ସ୍ଥାନାନ୍ତର କରାଯାଇଛି। ପୂର୍ବାହ୍ନ ୧୧ଟାବେଳେ ନଳକୂପ ଖୋଳାଯାଉଥିବା ଟ୍ରକ (ନଂ. ଟିଏନ ୩୪ୟୁ ୫୧୭୩) ରେଢାଖୋଲ ପଟୁ ଯାଉଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ବାଇକ (ନଂ. ଓଡି ୨୭ ଏ ୦୮୧୯)କୁ ଧକ୍କା ଦେଇଥିଲା। ବାଇକ ଚଳାଉଥିବା ଲକ୍ଷିନ୍ଦ୍ର ଓ ପଛରେ ବସିଥିବା ଡଲି ଛିଟିକି ପଡିଥିଲେ। ପୋଲିସ ଉଭୟଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇଥିଲା। ହେଲେ ଲକ୍ଷିନ୍ଦ୍ରଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଦୁର୍ଘଟଣା ପରେ ଟ୍ରକ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ପୋଲିସ ଟ୍ରକ ଓ ବାଇକ ଜବତ କରିଛି। ଲକ୍ଷିନ୍ଦ୍ର ତାଙ୍କ ସମ୍ପର୍କୀୟା ଡଲିଙ୍କୁ ଚୁଡାପୁଡୁଗ ଗ୍ରାମରୁ ଅଙ୍ଗପଡା ଛାଡିବାକୁ ଯାଉଥିବା ବେଳେ ଏହି ଦୁର୍ଘଟଣା ଘଟିଛି।

# ବିକଶିତ କୃଷି ସଂକଳ୍ପ ଅଭିଯାନ

ନାକଟିଦେଉଳ,୪।୬(ବୈକୁଣ୍ଠନାଥ ସାହୁ)

କୃଷି ବିଭାଗ ପକ୍ଷରୁ ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ବିକଶିତ କୃଷି ସଂକଳ୍ପ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଉଡଇଁଚା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ମଙ୍ଗଳବାର ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଉଡଇଁଚା ସରପଞ୍ଚ ସୌଦାମିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମିତି ସଭ୍ୟ ପ୍ରବୀଣ କୁମାର ପ୍ରଧାନ, ଗୋଗୁଆ ସମିତି ସଭ୍ୟ ଅମୂଲ୍ୟ ପ୍ରଧାନ, ଜିଲା କୃଷି ଅଧିକାରୀ ପ୍ରଦୀପ ନନ୍ଦ, ବ୍ଲକ କୃଷି ଅଧିକାରୀ ମଧୁମତୀ ମୁର୍ମୁ ପ୍ରମୁଖ ଯୋଗଦେଇ ସରକାର କୃଷକମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟକାରୀ କରି ଆସୁଥିବା ବିଭିନ୍ନ ଯୋଜନା ଉପରେ ଆଲୋକପାତ କରି କୃଷକମାନେ ଏହାର ସୁଫଳ ନେବାକୁ ପରାମର୍ଶ ଦେଇଥିଲେ। ଏଥିସହିତ ପ୍ରଧାନମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, କୀଟ ନାଶକର ଠିକ୍ ମାତ୍ରା ଓ ନିରାପତ୍ତା ସମ୍ପର୍କରେ ଆଲୋଚନା କରିବା ସହ ଡେମୋ ମାଧ୍ୟମରେ ଦେଖାଇଥିଲେ। ଅନ୍ୟପକ୍ଷରେ ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି କୃଷକମାନେ ନିଜର ଆୟକୁ ଦ୍ୱିଗୁଣିତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଉଡଇଁଚା ସେବା ସମବାୟ ସମିତିର ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ ଅନ୍ୟତମ ଅତିଥିଭାବେ ଯୋଗଦେଇ ବର୍ତ୍ତମାନ ସାର ଏବଂ ଔଷଧ ଆସି ଯାଇଥିବାରୁ ସମିତିରୁ ଚାଷୀମାନେ ତୁରନ୍ତ ନେଇ ଚାଷ କାର୍ଯ୍ୟରେ ବିନିଯୋଗ କରିବାକୁ ନିବେଦନ କରିବା ସହ ନାନୋ ୟୁରିଆ ଓ ନାନୋ ଡିଏପିର ତରଳ ପଦାର୍ଥକୁ ଫସଲ ଉପରେ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିରେ ଭୁବନେଶ୍ୱର ସିଫାର ବୈଜ୍ଞାନିକ ଡା. ସ୍ୱାଗତିକା ଶ୍ରୀହରିଚନ୍ଦନ ଏବଂ ତାଙ୍କ ଟିମ ଯୋଗଦେବା ସହ ବିଭିନ୍ନ ଗ୍ରାମକୁ ଯାଇ ନମୁନା ମାଟି ପରୀକ୍ଷା କରି ଫଳାଫଳ ସମ୍ପର୍କରେ ଚାଷୀମାନଙ୍କୁ ବୁଝାଇଥିଲେ। ଉଡଇଁଚା କୃଷି ଅଧିଦର୍ଶକ ଜିତେନ୍ଦ୍ର କୁମାର ଦେବତା ଧନ୍ୟବାଦ ଅର୍ପଣ କରିଥିବା ବେଳେ ସମସ୍ତ କୃଷକ ସାଥୀମାନେ ଏଥିରେ ସହଯୋଗ କରିଥିଲେ।

# ଜନଜାତି ବର୍ଗଙ୍କୁ ଦିଆଯାଇପାରିବ ଜଙ୍ଗଲ ଜମିପଟ୍ଟା

**ଜାତୀୟ ଜନଜାତି ଆୟୋଗ ସଦସ୍ୟାଙ୍କ ସମୀକ୍ଷା**

**ସିଏସ୍‌ଆର୍ ପାଣ୍ଠିରୁ ଆର୍ଥିକ ଦୁର୍ବଳ ଜନଜାତି ପିଲାଙ୍କ ପାଠପଢ଼ା ଖର୍ଚ୍ଚ ତୁଲାଇବାକୁ ପରାମର୍ଶ**

ସମ୍ବଲପୁର, ୪।୬(ପ୍ରମୋଦ ବହିଦାର)

କେନ୍ଦ୍ର ସରକାରଙ୍କ ଜଙ୍ଗଲ ଅଧିକାର ଆଇନ-୨୦୦୫ ଅନୁସାରେ ଅନୁସୂଚିତ ଜନଜାତି ବର୍ଗର ଲୋକଙ୍କୁ ଆବଶ୍ୟକ ଅନୁସାରେ ଗୃହ ନିର୍ମାଣ ଓ ଚାଷ ପାଇଁ ଜଙ୍ଗଲ ଜମି ପଟ୍ଟା ପଦାନ କରାଯାଇପାରିବ। ଏହାର ବ୍ୟତିକ୍ରମକୁ ଅଦୌ ପ୍ରୋତ୍ସାହିତ କରାଯିବ ନାହିଁ। ବୁଧବାର ପୂର୍ବାହ୍ନରେ ସମ୍ବଲପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଜିଲାସ୍ତରୀୟ ବୈଠକରେ ଯୋଗଦେଇ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟା ଡ. ଅଶା ଲାକ୍ରା ଏହା କହିଛନ୍ତି। ଏହି ଅବସରରେ ସେ ପ୍ରଥମେ ଜିଲାର ବିଭିନ୍ନ ଜନଜାତି ସଙ୍ଗଠନ ପ୍ରତିନିଧିମାନଙ୍କ ସହିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରି ଏସଟି ପଟ୍ଟା ସମ୍ପର୍କିତ ରହିଥିବା ଦ୍ୱନ୍ଦ୍ୱ ଦୂର କରିଥିଲେ।

ବୈଠକରେ ଅନୁସୂଚିତ ଜନଜାତି ସମୁଦାୟ ଜନଜାତି ଆୟୋଗ ସଦସ୍ୟା ଡ. ଲାକ୍ରାଙ୍କ ସହିତ ଆଲୋଚନା କରି ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିଥିଲେ। ସେ ଜନଜାତି ବର୍ଗର ଲୋକଙ୍କ ସାମ୍ବିଧାନିକ ଅଧିକାର, ସାମାଜିକ, ଶିକ୍ଷାଗତ ଓ ଆର୍ଥିକ ବିକାଶ ତଥା ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ସରକାରୀ ଯୋଜନାର କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ। ଜନଜାତି ସମ୍ପ୍ରଦାୟର ସାମ୍ବିଧାନିକ ଅଧିକାର ଯେପରି କ୍ଷୁର୍ଣ୍ଣ ନ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି ଯେକୌଣସି ଅସୁବଧାର ସମ୍ମୁଖୀନ ହେଲେ ସରକାରଙ୍କ (ଏନସିଏସ୍‌ଟିଏସ୍‌ଟିଜିଆର୍‌ଏଏମ୍‌ଏସ୍ ଜିଓଭି ଡଟ୍ ଇନ୍) ପୋର୍ଟାଲରେ ନିଜ ଅଭିଯୋଗ ଅନ୍‌ଲାଇନ୍ ଦାଖଲ କରିବାକୁ ପରାମର୍ଶ ଦେଇଥିଲେ।

ଅପରାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ସମଗ୍ର ଶିକ୍ଷା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଯୋଗଦେଇ ଜନଜାତି ଆୟୋଗ ସଦସ୍ୟା ଡ. ଲାକ୍ରା ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଛାତ୍ରୀଛାତ୍ରଙ୍କ ବିଭିନ୍ନ ସମସ୍ୟାର ସମୀକ୍ଷା କରିଥିଲେ। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଆରକ୍ଷୀ ଅଧୀକ୍ଷକ ମୁକେଶ ଭାମୁଙ୍କ ସମେତ ସମସ୍ତ ଜିଲାସ୍ତରୀୟ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ଜିଲାରେ ଉକ୍ତ ସମ୍ପ୍ରଦାୟଙ୍କ ସାମାଜିକ ସୁରକ୍ଷା, ସର୍ବାଙ୍ଗିନ ବିକାଶ, ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକାର ସମ୍ପର୍କିତ ସ୍ଥିତି ଅନୁଧ୍ୟାନ କରିଥିଲେ। ମୁଖ୍ୟତଃ ଜନଜାତି ଛାତ୍ରୀଛାତ୍ରଙ୍କ ଡ୍ରପ୍‌ଆଉଟ୍, ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଶିକ୍ଷା ବ୍ୟବସ୍ଥା, ଛାତ୍ରାବାସ ବ୍ୟବସ୍ଥା ତଥା ଏସ୍‌ଟି ବିତ୍ତିୟ ନିଗମଙ୍କ ଯୋଜନାରେ ପ୍ରଦତ୍ତ ସହାୟତାର ସଫଳ ବିନିଯୋଗ ନେଇ ଆଲୋଚନା କରିଥିଲେ। ଏହି ପରିପ୍ରେକ୍ଷୀରେ ସେ ଆର୍ଥିକ ଦୁର୍ବଳ ଡ୍ରପ୍‌ଆଉଟ୍ ଜନଜାତି ପିଲାଙ୍କ ପାଠ ପଢ଼ା ପାଇଁ ସିଏସ୍‌ଆର୍ ପାଣ୍ଠି ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ। ସେହିପରି ଉଭୟ ବାଳିକା ଓ ବାଳକଙ୍କ ପାଇଁ ୫୦୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ଦେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ଏସ୍‌ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ସେମାନଙ୍କ କାର୍ଯ୍ୟ, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଆଦି ବିଭିନ୍ନ ରୋଜଗାର ଭିତ୍ତିକ ଯୋଜନାର ସଫଳ ରୂପାୟନ ନେଇ ମଧ୍ୟ ଆଲୋଚନା ହୋଇଥିଲା। ପ୍ରାରମ୍ଭରେ ଜିଲା ପରିଷଦ ଉନ୍ନୟନ ଓ ନିର୍ବାହୀ ଅଧିକାରୀ ସ୍ୱାଗତ ଭାଷଣ ଦେଇଥିଲେ। ଏଥିରେ ସମ୍ବଲପୁର ବନଖଣ୍ଡ ଅଧିକାରୀ କାଲୁଙ୍ଗେ ଗୋରଖ ୱାମନ, ଜିଲା ଶିକ୍ଷାଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ସ୍ୱାସ୍ଥ୍ୟାଧିକାରୀ ପ୍ରଦୀପ ହୋତାଙ୍କ ପ୍ରମୁଖଙ୍କ ସହିତ ଅନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



ସମୀକ୍ଷା ବୈଠକରେ ଅଧିକାରୀଙ୍କ ସହ ଜାତୀୟ ଅନୁସୂଚିତ ଜନଜାତି ଆୟୋଗ ସଦସ୍ୟା ଡ. ଆଶା ଲାକ୍ରା।

## ନିଶା ନିବାରଣ ସଚେତନତା ରଥ ଶୁଭାରମ୍ଭ

**ନୂଆପଡ଼ା,୪।୬ (ମକାରୁ ବେମାଲ) :** ନିଶା ସେବନର ଅପକାରିତା ବିଷୟରେ ଲୋକଙ୍କୁ ସଚେତନ କରିବା ଉଦ୍ଦେଶ୍ୟରେ ବୁଧବାର ଜିଲା ଅବକାରୀ ବିଭାଗ ପକ୍ଷରୁ ଏକ ସଚେତନତା ରଥ ବାହାରିଛି । ଏହି ରଥକୁ ଜିଲାପାଳ କାର୍ଯ୍ୟାଳୟଠାରେ ଜିଲାପାଳ ମଧୁସୂଦନ ଦାଶ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି ରଥ ଗାଁ ଗାଁ ବୁଲି ମାଦକ ବିହୀନ ସମାଜ ଗଠନ ପାଇଁ ଲୋକଙ୍କୁ ସଚେତନ କରାଇବ । ଏହା ସହ ପାଲା, ଦାସକାଠିଆ, ପଥପ୍ରାନ୍ତ ନାଟକ, ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ସଚେତନତା ବାର୍ତ୍ତାକୁ ପ୍ରତି ଘରେ ପହଞ୍ଚାଇବା ପାଇଁ ଜିଲାପାଳ ଆହ୍ୱାନ କରିଛନ୍ତି । ଅବକାରୀ ଅଧୀକ୍ଷକ ସଂଘମିତ୍ରା ପ୍ରଧାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ଅବକାରୀ ନିରୀକ୍ଷକ ହିରାବତୀ ଆର୍ଟି, ସୋମନାଥ ବାଘ, ଡେପୁଟି କଲେକ୍ଟର ହେମନ୍ତ ପୁଟା, ପ୍ରୟାସୀ ପ୍ରଧାନ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା, ଜିଲା କ୍ରୀଡ଼ା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଢେଇ ପ୍ରମୁଖ ଉପସ୍ଥିତ ଥିଲେ ।

# ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ

ଭବାନୀପାଟଣା,୪।୬
(ଉତ୍ତମ କୁମାର ଦାଶ)

ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବୁଧବାର କଳାହାଣ୍ଡି ଜିଲା ଅବକାରୀ ବିଭାଗ ତରଫରୁ ନିଶା ନିବାରଣ ସଚେତନତା ରଥ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ'କୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ପାୱାର ସଚିନ ପ୍ରକାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନିଶାମୁକ୍ତ ସମାଜ ଜିଲା ଗଠନରେ ସମସ୍ତେ ସଚେତନ ହୋଇ ସହଯୋଗ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ପ୍ରୋବେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେସ ପ୍ରଧାନ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲା ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ।



ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

## ଶାନ୍ତିପୂର୍ଣ୍ଣ ଭାବେ ସରିଲା ସମିତି ବୈଠକ

**କର୍ଲାମୁଣ୍ଡା,୪।୬ (ପ୍ରଦୀପ କୁମାର ସାହୁ)**

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସଭା ଗୃହଠାରେ ବୁଧବାର ପଞ୍ଚାୟତ ସମିତି ବୈଠକ ବ୍ଲକ ଅଧ୍ୟକ୍ଷା କୁନି ସାହୁଙ୍କ ଅଧ୍ୟକ୍ଷତାରେ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି। ଏଥିରେ ବିଡିଓ ଦେବେନ୍ଦ୍ର ସାମଲ, ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଜୋନ କ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ବିଧାୟକ ପ୍ରତିନିଧି କାହ୍ନୁ ଚରଣ ସାହୁ, ସାଂସଦ ପ୍ରତିନିଧି ହୃଦାନନ୍ଦ ସାହୁ, ବ୍ଲକ କୃଷି ଅଧିକାରୀ ଜିତେନ୍ଦ୍ର କୁମାର ସିଂ, ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ସ୍ୱାଗତ କୁମାର ପାଣିଗ୍ରାହୀଙ୍କ ସମେତ ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଯୋଗଦେଇ ଆଲୋଚନା କରିଥିଲେ। ବିକଶିତ ଗାଁ ବିକଶିତ ଓଡ଼ିଶା ପାଣ୍ଠି ବିନିଯୋଗ ପଞ୍ଚାୟତ ପ୍ରତିନିଧି ଜରିଆରେ କରାଯିବାକୁ ପ୍ରସ୍ତାବ ଅନୁମୋଦନ କରାଯାଇଥିଲା। ସିଲେଟପଡାଠାରୁ କୁସୁର୍ଲା ରାସ୍ତାକୁ ଆର୍‌ଡ଼ି ବିଭାଗକୁ ହସ୍ତାନ୍ତର, ରିଞ୍ଜାଯୋଗିପଲା ଉତେଇ ନଦୀ ଘାଟରେ ବ୍ରିଜ ନିର୍ମାଣ, ୮୦ ବର୍ଷରୁ ଊର୍ଦ୍ଧ୍ୱ ବୟସ ହୋଇଥିବା ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ତାଲିକା ପ୍ରେରଣ, ବିଜାପାଟି ବଡକଟା ପୋଖରୀକୁ କ୍ଷୁଦ୍ର ଜଳସେଚନ ବିଭାଗକୁ ହସ୍ତାନ୍ତର କରିବା ଆଦି ପ୍ରସଙ୍ଗରେ ଆଲୋଚନା ହୋଇଥିଲା।



ବୈଠକରେ ଉପସ୍ଥିତ ଲୋକପ୍ରତିନିଧି ଓ ଅଧିକାରୀ।

# ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଉଛୁ

**ଭାଜପାର ଖବରଦାତା ସମ୍ମିଳନୀ**

ଲାଞ୍ଜିଗଡ଼, ୪।୬(ରମେଶ ଚନ୍ଦ୍ର ନାୟକ)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକରେ ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନକୁ ନେଇ ଭାଜପା ଓ ବିଜେଡ଼ିର ଟଣାଓଟରା ଘଟଣାରେ ବ୍ଲକ ଭାଜପା ତରଫରୁ ବୁଧବାର ଏକ ଖବରଦାତା ସମ୍ମିଳନୀ ଚମ୍ପାଦେଇପୁର ପଞ୍ଚାୟତ ଗୋପୀନାଥପୁରଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ କର୍ମକର୍ତ୍ତାମାନେ ଯୋଗଦେଇ ସରକାରଙ୍କ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଉଛୁ ବୋଲି କହିଥିଲେ। ସୂଚନା ଅନୁସାରେ ଗତ ୨ ତାରିଖରେ ବିଜେଡ଼ି ପକ୍ଷରୁ କେତେଜଣ ସରପଞ୍ଚ ଓ ସମିତି ସଦସ୍ୟଙ୍କୁ ନେଇ ଏକ ବୈଠକ ବ୍ଲକ ପରିସରରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଅନୁଦାନକୁ ନେଇ ଆଲୋଚନା ହୋଇଥିଲା। ପରେ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଭାଜପା କର୍ମୀମାନେ ଅନୁମୋଦନ ତାଲିକା ଧରି ଗାଁ ଗାଁ ବୁଲି ମସୁଧା ଚଳାଇଥିବା ଅଭିଯୋଗ କରି ଲାଞ୍ଜିଗଡ ବିଡିଓଙ୍କ ଜରିଆରେ କଳାହାଣ୍ଡି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଉତ୍ତର ରଖିବାକୁ ଯାଇ ଭାଜପା କର୍ମକର୍ତ୍ତା ଦର୍ଶାଇଥିଲେ, ଆମେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଉଛୁ। ବିଗତ ଦିନରେ ବିଜେଡି କର୍ମୀମାନେ ନିଜ ଇଚ୍ଛାନୁସାରେ କାମ କରୁଥିଲେ। ଆମେ କିନ୍ତୁ ସମସ୍ତଙ୍କୁ ନେଇ ଆଗକୁ ବଢ଼ିବୁ। ବ୍ଲକର ସମସ୍ତ ସରପଞ୍ଚ, ସମିତି ସଭ୍ୟ ହେଉଛନ୍ତି ନିର୍ବାଚିତ ପ୍ରତିନିଧି। ସେମାନେ କୌଣସି ଦଳର ନୁହଁନ୍ତି। ସରକାରଙ୍କ ଯୋଜନା ଲାଗୁ କରିବାକୁ ସେମାନେ ମଧ୍ୟ ଉତ୍ତରଦାୟୀ। ଏଣୁ ସମସ୍ତେ ମିଳିମିଶି ସରକାରଙ୍କ ବିକାଶ ପ୍ରକ୍ରିୟାକୁ ଆଗେଇ ନେବାରେ ସହଯୋଗ କରନ୍ତୁ ବୋଲି କହିଥିଲେ। ଖବରଦାତା ସମ୍ମିଳନୀରେ ପୂର୍ବତନ ସାଂସଦ ପ୍ରତିନିଧି ଲକ୍ଷ୍ମୀଧର ସନ୍ତୋଷରାୟ, ବିଶ୍ୱନାଥପୁର ମଣ୍ଡଳ ସଭାପତି ତୁଳସୀ ମାଝୀ, ଲାଞ୍ଜିଗଡ ମଣ୍ଡଳ ସଭାପତି ନରେନ୍ଦ୍ର ବେହେରା, କୃଷକ ମୋର୍ଚ୍ଚା ସଭାପତି କନ୍ଦର୍ପ ନାଏକ, ଭାଜପା ନେତା ଅନନ୍ତ ରାମ ପ୍ରଧାନୀ, ଦେବ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ଶିଶୁ ଉଦ୍ୟାନର ଭୂମି ପୂଜନ

**କେସିଙ୍ଗା,୪।୬ (ତୁମେଶ୍ୱର ସାହୁ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ପରଲସିଙ୍ଗା ଗ୍ରାମପଞ୍ଚାୟତର ପଥର୍ଲା ଗ୍ରାମର ବିଶ୍ୱନାଥ ଶୈବପୀଠରେ ଶିଶୁ ଉଦ୍ୟାନ ପାଇଁ ବୁଧବାର ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ଦ୍ୱାରା ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଏହି ପ୍ରକଳ୍ପ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଶିଶୁ ଉଦ୍ୟାନ ହେଲେ ଶୈବପୀଠ ପରିବେଶ ସୁନ୍ଦର ହେବା ସହ ଶିଶୁମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ସ୍ତରର ପ୍ରଗତି ହେବ ବୋଲି ବିଡିଓ କହିଥିଲେ।

# ଗୋଲାମୁଣ୍ଡାରେ ତ୍ରିରଙ୍ଗା ବାଇକ୍ ଶୋଭାଯାତ୍ରା

ଗୋଲାମୁଣ୍ଡା/କେଗାଁ,୪।୬
(ବଟକୃଷ୍ଣ ପଣ୍ଡା/ସ୍ୱରୂପ କୁମାର ବିଶି)

ଦେଶର ଏକତା, ଅଖଣ୍ଡତା ବଜାୟ ରଖିବା ପାଇଁ ଭାରତୀୟ ସେନାର ତ୍ୟାଗ, ବଳିଦାନ ଅତୁଳନୀୟ। ଆତଙ୍କବାଦ ବିରୋଧରେ ଲଢ଼େଇ ଅପରେଶନ ସିନ୍ଦୂରରେ ଭାରତୀୟ ସେନାର ପରାକ୍ରମ ସମସ୍ତ ଦେଶବାସୀଙ୍କୁ ଗର୍ବିତ କରିଛି। ବୀର ସୈନିକଙ୍କ ସାହସିକ ପଦକ୍ଷେପକୁ ଉତ୍ସାହିତ କରିବା ପାଇଁ ବୁଧବାର ଗୋଲାମୁଣ୍ଡା ବ୍ଲକ କେଗାଁ ମଣ୍ଡଳରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୋଲାମୁଣ୍ଡା ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ବାଇକ୍ ତ୍ରିରଙ୍ଗା ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରା ଲେତେରଠାରୁ ବାହାରି ନୂଆଗାଁ ପର୍ଯ୍ୟନ୍ତ ଯାଇଥିଲା। କେଗାଁ ଓ ମହାଲିଙ୍ଗଠାରେ ପଥପ୍ରାନ୍ତ ସଭା କରାଯାଇ ସୈନିକଙ୍କ ମନୋବଳ ବଢ଼ାଇବା ପାଇଁ ଦେଶବାସୀ ଆଗେଇ ଆସିବା ପାଇଁ ମହାନନ୍ଦ ଆହ୍ୱାନ ଦେଇଥିଲେ। କେଗାଁ ମଣ୍ଡଳ ସଭାପତି ଜୟକୃଷ୍ଣ ସାହୁ ସଭାପତିତ୍ୱ କରିଥିବା ବେଳେ ସାଧାରଣ ସମ୍ପାଦକ ଜୟନ୍ତ ସିଂ ସଭା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର, ସ୍ୱତନ୍ତ୍ର ଅତିଥି ଜୁନାଗଡ଼ ବିଧାୟକ ପ୍ରାର୍ଥୀ ମନୋଜ ମେହେର, ଜିଲା ଓବିସି ସେଲରୁ ଟଙ୍କଧର ନାଏକ, ଭାଗ୍ୟବାନ ବାଗ, ଲଳିତ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ଶୋଭାଯାତ୍ରାରେ ସାମିଲ କର୍ମକର୍ତ୍ତାମାନେ।

# ଜିଲାପାଳଙ୍କୁ ମାଳି ସୁରକ୍ଷା ସମିତିର ୪ଦଫା ଦାବିପତ୍ର



ତହସିଲ ଅଫିସ ଆଗରେ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି କର୍ମକର୍ତ୍ତାଙ୍କ ବିକ୍ଷୋଭ।

**ଥୁଆମୂଳ ରାମପୁର,୪।୬ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କର୍ଲାପାଟ ଅଭୟାରଣ୍ୟ ଖଣ୍ଡୁଆଳ ମାଳି ସ୍ଥାୟୀ ସୁରକ୍ଷା ସମିତି ପକ୍ଷରୁ ବୁଧବାର ଜିଲାପାଳଙ୍କ ଉଦ୍ଦେଶ୍ୟରେ ତହସିଲଦାରଙ୍କୁ ୪ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଆଦିବାସୀଙ୍କୁ ଦିଆଯାଇଥିବା ଜଙ୍ଗଲ ଜମି ପଟ୍ଟାର ଜମି ଚିହ୍ନଟ, ଆଦିବାସୀ ଓ ଅନ୍ୟାନ୍ୟ ବର୍ଗର ଭୂମିହୀନଙ୍କୁ ଜମିପଟ୍ଟା ପ୍ରଦାନ, ଆଦିବାସୀ ଜମିରେ ଅର୍ଥକରୀ ଫସଲ ଓ କୃଷିଭିତ୍ତିକ ଶିଳ୍ପ ଉପରେ ଗୁରୁତ୍ୱ ଦେବା, ଓଡିଶାରେ କପଡା, ଔଷଧ, ଇଲୋକ୍ଟ୍ରୋନିକ୍ସ ଶିଳ୍ପ ପ୍ରତିଷ୍ଠା ଅନ୍ୟତମ। ଏହି ପରିପ୍ରେକ୍ଷୀରେ ଥୁଆମୂଳ ରାମପୁର ବଜାରଠାରୁ ସମିତି କର୍ମକର୍ତ୍ତା ଶୋଭାଯାତ୍ରାରେ ବାହାରି ତହସିଲଦାରଙ୍କ କାର୍ଯ୍ୟାଳୟ ଆଗରେ ପହଞ୍ଚିଥିଲେ। ସେଠାରେ ସମିତିର ବରିଷ୍ଠ ନେତୃମଣ୍ଡଳୀ ଅଭିଭାଷଣ ରଖି ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଦେବାଶିଷ କରକରିଆଙ୍କ ଜରିଆରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ସମୟରେ ଦାମୋଦର ବେହେରା ସିପିଆଇ ରାଜ୍ୟ ସମ୍ପାଦକ, ଲେନିନ ମହାନ୍ତି ଜନ ଆନ୍ଦୋଳନକାରୀ ସିପିଆଇ, ବ୍ରିଟିଶ ନାଏକ ଖଣ୍ଡୁଆଳ ମାଳି ସୁରକ୍ଷା କମିଟି ସମ୍ପାଦକ, କାର୍ତ୍ତିକ ମାଝୀ ସମିତି ସଭାପତି, ସନାତନ ମାଝୀ ବ୍ଲକ ଆଦିବାସୀ ସଂଘ ସଭାପତି, ରାମ ମାଝୀ ସମିତି ସଦସ୍ୟ, ବଳଭଦ୍ର ଜାନୀ ସରପଞ୍ଚ ସଂଘ ସଭାପତି ପ୍ରମୁଖଙ୍କ ସମେତ ଶତାଧିକ ମହିଳାପୁରୁଷ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ନେତୃତ୍ୱରେ ୩ ପ୍ଲାଟୁନ ପୋଲିସ ମୁତୟନ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.18/ET/SBP/ENGG/2025-26, ତା.30.05.2025ରିଖ

(1)ଇ-ଟେଣ୍ଡର ସଂ.11-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 110 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ହାଇଡ୍ରୋଲିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 9,51,90,150/, ବିଡ୍ ସିକ୍ୟୁରିଟି (ଟଙ୍କାରେ): 6,26,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-।

(2)ଇ-ଟେଣ୍ଡର ସଂ.15-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 58 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 8,84,54,222.40, ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,92,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-।

(3)ଇ-ଟେଣ୍ଡର ସଂ.14-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ 17 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 2,41,62,300.60, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,70,900/-,ଟେଣ୍ଡରଫର୍ମର ମୂଲ୍ୟ(ଟଙ୍କାରେ): 11,800/-।

(4)ଇ-ଟେଣ୍ଡର ସଂ.26-eT-DENE-SBP-25
**କାର୍ଯ୍ୟର ନାମ :** ସମ୍ବଲପୁର ମଣ୍ଡଳରେ ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର MCI ଇନ୍‌ସର୍ଟର ଇନ୍-ସିଟୁ (In-situ) ରିକଣ୍ଡିସନିଙ୍ଗ୍।
**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 5,07,05,779.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,03,500/-।

କାର୍ଯ୍ୟ ଶେଷ ହେବା ଅବଧି : 66 ମାସ (କ୍ରମ ସଂ.1 ରୁ 3 ପର୍ଯ୍ୟନ୍ତ) ଏବଂ 24 ମାସ (କ୍ରମ ସଂ.4 ପାଇଁ)।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.26.06.2025 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦିଓ ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଙ୍ଗ୍), ସମ୍ବଲପୁର
PR-197/Q/25-26

**WATCO**
**OFFICE OF THE MANAGING DIRECTOR**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: directorprojects@watcoodisha.in
No.C-419
**INVITATION FOR BID (IFB)**
Bid Identification No. WATCO (P)-02/2025-26, Dtd.29.05.2025
WATCO No.3756, Date:29.05.2025

1. Name of the Work : 1. Annual maintenance of Facultative Pond, Wet well and Pumping Station at Basuaghai, STP Campus, Under sewerage Dist-II, Bhubaneswar.
2. Estimated Cost : Rs.35.66 Lakh.
3. Period of Completion : 01 (One) Years
4. Date & Time of availability of bid document in the portal : From 5.00 PM of Dt.05.06.2025 to 5.00 PM of 20.06.2025
5. Last date/time of receipt of bids in the portal : 5.00 PM of 20.06.2025
6. Date & Time of opening of technical bids : 12.30 PM of 21.06.2025
7. Name and address of the Officer Inviting Bid : DIRECTOR PROJECTS, WATCO, Telefax:-0674-2571444, E-Mail:directorprojects@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
OIPR- Sd./- (Director Projects) WATCO

**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**
Very-Very Short Time
2nd Call PR. NO 352760 Road(25-26):D
e-Procurement Notice
Tender Reference No. RCD/DUMKA/938Date 04.06.2025

| | | |
|---|---|---|
| 1 | Name of Work | Surface Renewal of different Roads under Basukinath Dham area including Paver Block Laying, Road Marking, Installation of Sign Boards, Painting of various culverts, Bridges, trees, Flank Repair and cleaning work under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,73,97,239.00 |
| 3 | Time of completion | Three Months |
| 4 | Date of Publication of Tender on Website | 06.06.2025 at 10.30 AM |
| 5 | Last date/Time for receipt of bids | 12.06.2025 Up to 12.00 Noon |
| 6 | Date of opening of Tender | 13.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in
Executive Engineer,
Road Construction Department,
Road Division, Dumka
PR 354211 Road(25-26).D

**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
लापताः आवश्यक सूचना



गुमशुदा पुरूष मो० उमर, उम्र–करीब 35 वर्ष

सर्व साधारण को सूचित किया जाता है कि आवेदक अब्दुल रासीद के द्वारा अपने छोटे भाई मो० उमर, उम्र–करीब 35 वर्ष की गुमशुदगी के संबंध में संबंधित थाना मानगो में लिखित आवेदन दिया गया है। आवेदन में इनके द्वारा बताया गया है कि छोटा भाई मो० उमर, उम्र–करीब 35 वर्ष, पिता–अब्दुल मजीद, पता–मकान नं0–205, रोड नं0–13, थाना–मानगो, जिला–पूर्वी सिंहभूम, जमशेदपुर जो दिनांक–27.05.2025 को समय रात करीब 10:00 बजे घर से बिना बताये कहीं चला गया है लेकिन अभी तक वापस नहीं लौटा है। आवेदक एवं इनके परिवारवालों के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका। गुमशुदा पुरूष का हुलिया निम्न प्रकार है:–उम्र–35 वर्ष, कद–05 फीट, रंग–गोरा, बाल–काला, आँख–काला, पहनावा–कुर्ता–पैजामा, भाषा–हिन्दी।

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, मु0–01 : 9431706481
थाना प्रभारी, मानगो : 9431706488

वरीय पुलिस अधीक्षक,
पूर्वी सिंहभूम, जमशेदपुर
PR 354233 Police(25-26).D

See Career Appointment on every Wednesday & Saturday

**OFFICE OF THE PRINCIPAL**
**GOVERNMENT COLLEGE, SUNDARGARH**
No. 1381 **ADVERTISEMENT** Date: 04.06.2025

A Walk-in-Interview will be conducted on 19.06.2025, 20.06.2025 and 21.06.2025 for the session 2025-26 for engagement of Guest Faculty in different **UG, PG and B.Ed. Subjects** at Government College, Sundargarh.
Reporting Time: **10.00 A.M. to 11.00 A.M.** & Time of Interview: **11.00 A.M. onwards**
Interested candidates may attend the interview with all required documents on scheduled date and time mentioned above. The undersigned reserves the right to cancel part or whole of the Walk-in-Interview without assigning any reason thereof. No TA/DA is admissible for attending the interview. For more details visit the College website i.e. **govtcollegesundargarh.ac.in**.
Sd./- Principal, Government College, Sundargarh

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
No. A-249 AUL EMBANKMENT DIVISION, AUL
Dist.: Kendrapara, Odisha - 754219, Tel/Fax: 06729-295188
Mail id: aulembankment@gmail.com
**'e' Procurement Notice No. AED-04 of 2025-26**

1. No. of the Work : 14 Nos. Flood Control & Road Works
2. Tender Cost : Varies from Rs.46,41,339.00 to 84,67,033.00
3. Bid document cost : Rs.6000.00 to 10000.00
4. Bid Security : Varies from Rs.46,500.00 to 84,700.00
5. Class of Contractor : B Class
6. Period of Completion : Six Calendar Months
7. Other details are as follows

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 to AUL 14 of 2024-25 (14 Nos. Work) | 06.06.2025 10.00 A.M. | 16.06.2025 5.00 P.M. | 17.06.2025 11.00 A.M. |

8. e-mail Id : **aulembankment@gmail.com**
9. If required Lottery will be held on Dtd.08.07.2025 at 11.00 A.M.

Further detail conditions can be seen from the Govt. website **www.tendersodisha.gov.in**.
OIPR- Sd./- Superintending Engineer, Aul Embankment Division, Aul

Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in
**e-Procurement very Short Notice**
e-Tender Reference No .-RCD/FSD /AP/ RAN/04/25-26 Dated 03.06.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of- Bakutoli - Kurkura- Bano road including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Gumla in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 34.650 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 06.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 16.06.2025, 12.30 PM |
| 7- | Date and Timing of Bid opening | 17.06.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in
Executive Engineer
Field Survey Division, A.P
Road Construction Department, Ranchi
PR 354255 Road (25-26)_D

# ଉପଜିଲାପାଳଙ୍କୁ ରିପୋର୍ଟ ମାଗିଲେ ଏଡିଏମ୍‌

## ଏସ୍‌ସି, ଏସ୍‌ଟିଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା

**ସୋନପୁର,୪।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲାରେ ଅନୁସୂଚିତ ଜାତି (ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗର ଲୋକଙ୍କ ଜମି ବିକ୍ରି ଅନୁମତିରେ ଅନିୟମିତତା ହୋଇଛି। ଓଡ଼ିଶା ପ୍ରଧାନ ମହାଲେଖାକାର(ପ୍ରିନ୍ସିପାଲ ଆକାଉଣ୍ଟାଣ୍ଟ ଜେନେରାଲ)ଙ୍କ ଅଡିଟ୍ ରିପୋର୍ଟରୁ ଏହାର ପର୍ଦ୍ଦାଫାଶ ହୋଇଛି। ଦାୟିତ୍ୱରେ ଥିବା ସୋନପୁର ଓ ବୀରମହାରାଜପୁରର ପ୍ରାକ୍ତନ ଉପଜିଲାପାଳମାନେ ଅନୁମତି ପ୍ରଦାନରେ ଅନିୟମିତତା କରିଛନ୍ତି। ଏ ସମ୍ପର୍କରେ ଧରିତ୍ରୀରେ ଗତ ମେ ୨୮ ଓ ୨୯ତାରିଖରେ ଖବର ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ ପ୍ରକାଶିତ ଖବରକୁ ଗୁରୁତ୍ୱର ସହ ନେଇଛି। ଅତିରିକ୍ତ ଜିଲାପାଳ(ଏଡିଏମ୍) ଅଞ୍ଜଳିନା ପ୍ରଧାନ ମଙ୍ଗଳବାର ସୋନପୁର ଓ ବୀରମହାରାଜପୁର ଉପଜିଲାପାଳଙ୍କୁ ରିପୋର୍ଟ ମାଗିଛନ୍ତି। ଅଡିଟ୍ ରିପୋର୍ଟରେ ଯେଉଁସବୁ କେଶ ରେକର୍ଡରେ ତ୍ରୁଟି ରହିଛି ତାର ସମ୍ପୂର୍ଣ୍ଣ ତଥ୍ୟ ୩ ଦିନ ଭିତରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଡିଏମ୍‌ଙ୍କ ନିର୍ଦ୍ଦେଶ ପରେ ଅନିୟମିତତା କରିଥିବା ପ୍ରାକ୍ତନ ଉପଜିଲାପାଳମାନେ ଏବେ ପ୍ରମାଦ ଗଣିବା ଆରମ୍ଭ କରିଛନ୍ତି।

ଜିଲାରେ ଏସ୍‌ସି, ଏସ୍‌ଟି ବର୍ଗର ଲୋକମାନଙ୍କ ମୂଲ୍ୟବାନ ଜମିକୁ ଚଞ୍ଚକତା କରି ସାଧାରଣବର୍ଗର ଧନୀକ ଶ୍ରେଣୀର ଲୋକେ ହାତେଇଛନ୍ତି। ଦାୟିତ୍ୱରେ ଥିବା ଉପଜିଲାପାଳମାନେ ଉପଯୁକ୍ତ କାରଣ ନ ଥାଇ ଜମି ବିକ୍ରି ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସୋନପୁର ଓ ବୀରମହାରାଜପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଶତାଧିକ କେଶ ରେକର୍ଡରେ ଆଇନ ଉଲ୍ଲଂଘନ କରାଯାଇ ବେଆଇନ ଭାବେ ଜମି ବିକ୍ରି ପାଇଁ ଅନୁମତି ଦିଆଯାଇଛି। ଏହାର ଫାଇଦା ଧନୀ, ପ୍ରଭାବଶାଳୀ ଓ ଦଲାଲ ଗୋଷ୍ଠୀ ନେଇଛନ୍ତି। ୨୦୧୮ରୁ ୨୦୨୩ ମସିହା ୫ବର୍ଷ ମଧ୍ୟରେ ଜିଲାର ୬ଜଣ ପ୍ରାକ୍ତନ ଉପଜିଲାପାଳ ମୋଟ ୩୨୨.୩୪୭ଏକର ଏସ୍‌ସି, ଏସ୍‌ଟି ଜମିକୁ ବିକ୍ରି ପାଇଁ ଅନୁମତି ଦେଇଛନ୍ତି। ଯାହାର ସେତେବେଳର ସରକାରୀ ମୂଲ୍ୟ ୧୧କୋଟି ୪୦ଲକ୍ଷ ୮୪ହଜାର ୮୩୦ଟଙ୍କା। ଉପଜିଲାପାଳମାନେ ସଠିକ୍ ପର୍ଯ୍ୟାଲୋଚନା ନ କରି ଡାକ୍ତରଙ୍କ ଦୀର୍ଘ ବର୍ଷର ପୁରୁଣା ପ୍ରେସକ୍ରିପ୍‌ସନ, ବିଏସ୍‌କେୱାଇରେ କାର୍ଡ ଥିବା ଲୋକଙ୍କୁ ଚିକିତ୍ସା ପାଇଁ ଅର୍ଥ ଆବଶ୍ୟକତା ଆଧାରରେ ଜମି ବିକ୍ରି ସକାଶେ ଅନୁମତି ପ୍ରଦାନ କରୁଛନ୍ତି। ଅଡିଟ୍ ରିପୋର୍ଟରେ ଏହି ଅନିୟମିତତା ଧରାପଡିଛି। ସମ୍ପୃକ୍ତ ଉପଜିଲାପାଳଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହିତ ଏସ୍‌ସି ଓ ଏସ୍‌ଟିଙ୍କ ଜମି ସେମାନଙ୍କ ଖାତାକୁ ପୁନଃ ଫେରସ୍ତ ପାଇଁ ରାଜ୍ୟ ସରକାର ଓ ସୁବର୍ଣ୍ଣପୁର ଜିଲାପାଳଙ୍କୁ ପତ୍ରସଂଖ୍ୟା ୧୧୦୫/୦୨।୦୨।୨୦୨୪ରେ ସିଏଜି ସୁପାରିଶ କରିଛନ୍ତି। ତେବେ ୧ ବର୍ଷ ବିତି ଯାଇଥିଲେ ମଧ୍ୟ ଅନିୟମିତତାରେ ସମ୍ପୃକ୍ତଙ୍କ ବିରୋଧରେ ସୁବର୍ଣ୍ଣପୁର ଜିଲା ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଓଡ଼ିଶା ପ୍ରଧାନ ମହା ଲେଖାକାରଙ୍କ ରିପୋର୍ଟ ଅନୁଯାୟୀ ବୀରମହାରାଜପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୨୧୩.୯୩୮ ଏକର ଜମି ବିକ୍ରି ପାଇଁ ୨୧୮ ଜଣଙ୍କୁ ଅନୁମତି ଦେଇଛନ୍ତି। ଓଏଲଆର ଆକ୍ଟର ଧାରା ୨୨ର ୧୮୧ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୩୮ଟି ମାମଲାରେ ଅନିୟମିତତା ହୋଇଥିବା ପ୍ରମାଣ ମିଳିଛି। ଯେଉଁଥିରେ ୨୦୦.୭୫୩ଏକର ଜମି ରହିଛି। ସେହିପରି ସୋନପୁର ଉପଜିଲାପାଳ ଏସ୍‌ସି, ଏସ୍‌ଟିଙ୍କ ୧୮୧.୩୭ ଏକର ଜମି ବିକ୍ରି ପାଇଁ ୩୨୨ଜଣଙ୍କୁ ଅନୁମତି ଦେଇଛନ୍ତି। ୧୧୫ଟି ମାମଲାର କାଗଜପତ୍ରକୁ ତର୍ଜମା ପରେ ୧୦୧.୫୯୪ଏକର ଜମିର ଅନୁମତି ପ୍ରଦାନରେ ଅନିୟମିତତା ହୋଇଛି। ସେହି ସମୟରେ ବୀରମହାରାଜପୁରରେ ଉପଜିଲାପାଳ ଥିବା ଗୋପୀନାଥ ସାରକା ୬.୦୩ଏକର, ସୁବ୍ରତ କୁମାର ବେହେରା ୦.୭୫୫ଏକର, ଭାରପ୍ରାପ୍ତ ଉପଜିଲାପାଳ ଥିବା ବଳରାମ ମଲ୍ଲିକ ୧୪.୦୬୫ଏକର ଓ ଅଶୋକ କୁମାର ଭୋଇ ସର୍ବାଧିକ ୧୬୭.୬୯୩ଏକର ଏସ୍‌ସି ଏସ୍‌ଟି ଜମିକୁ ବିକ୍ରି କରିବା ପାଇଁ ଅନୁମତି ପ୍ରଦାନ କରିଛନ୍ତି। ସୋନପୁରରେ ଉପଜିଲାପାଳ ଥିବା ବଳରାମ ମଲ୍ଲିକ ୧୧୩.୧୩ଏକର, ନିହାର ରଞ୍ଜନ କହଁର ୨୬.୯୦୨ଏକର ଓ ଡ. ଇପ୍‌ସିତା ପ୍ରିୟଦର୍ଶନୀ ମିଶ୍ର ୪୧.୩୩୬ଏକର ଜମି ବିକ୍ରି ପାଇଁ ଅନୁମତି ପ୍ରଦାନ କରିଥିବା ଅଡିଟ୍ ରିପୋର୍ଟରୁ ଜଣାପଡିଛି। ଆସନ୍ତା ୭ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସୁଛନ୍ତି। ଜିଲାର ଏସ୍‌ସି, ଏସ୍‌ଟି ସମାଜର ନେତୃବୃନ୍ଦ ଏନେଇ ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ କରିବେ ବୋଲି ସୂଚନା ମିଳିଛି।

ଧରିତ୍ରୀ ପ୍ରଭାବ

# ରାମ ଏକାଦଶକୁ ହରାଇଲା ସୁପର ଜାଏଣ୍ଟସ୍



ଅତିଥି ଓ କର୍ମକର୍ତ୍ତାଙ୍କ ଗହଣରେ ଉଭୟ ଦଳର ଖେଳାଳି।

## ସୋନପୁର ପ୍ରିମିୟର ଲିଗ

**ସୋନପୁର,୪।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୋନପୁର ପ୍ରିମିୟର ଲିଗ ତୃତୀୟ ସଂସ୍କରଣର ଚତୁର୍ଥ ଦିବସର ପ୍ରଥମ ମ୍ୟାଚ ବୁଧବାର ସ୍ଥାନୀୟ ଗାନ୍ଧି ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଟିମ୍ ରାମ ଏକାଦଶ ଓ ସୋନପୁର ସୁପର ଜାଏଣ୍ଟସ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ କେ ବର୍ଷା ଦେବୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଟସ୍ ଜିଣି ରାମ ଏକାଦଶ ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ସୁପର ଜାଏଣ୍ଟସ ଦଳ ପ୍ରଥମେ ବ୍ୟାଟିଂ କରି ୮ ଉଇକେଟ ହରାଇ ୧୬୩ ରନ କରିଥିଲା। ଆକାଶ ପାତ୍ର ସର୍ବାଧିକ ୩୯ ରନ, ସୌରଭ ବେଦବାକ ୨୩ ରନ ଓ ଗୌରାଙ୍ଗ ମହାନନ୍ଦିଆ ୧୮ ରନ ସଂଗ୍ରହ କରିଥିଲେ। ରାମ ଏକାଦଶ ପକ୍ଷରୁ ପିଙ୍କୁ ବେହେରା ୩ଟି, ମନୋଜ ବଡଚାଟ, ବିଷ୍ଣୁ ନାଏକ ଓ ସୋମା ନାଗ ଗୋଟିଏ ଲେଖାଏ ଉଇକେଟ ହାସଲ କରିଥିଲେ। ଜବାବରେ ରାମ ଏକାଦଶ ଦଳ ୧୮.୩ ଓଭରରେ ୧୨୦ ରନ କରି ଅଲ୍ ଆଉଟ ହୋଇଥିଲା। ଦଳ ପକ୍ଷରୁ ଗୋବିନ୍ଦ ପାତ୍ର ୨୫ ବଲରେ ୫୩ ରନ ଓ ମନୋଜ ବଡଚାଟ ୨୫ ରନ କରି ଥିଲେ। ସୁପର ଜାଏଣ୍ଟସ ପକ୍ଷରୁ ଆକାଶ ପାତ୍ର ୩ଟି ଓ ସୁବାସ ମେହେର ୨ଟି ଉଇକେଟ ହାସଲ କରିଥିଲେ। ସୁପର ଜାଏଣ୍ଟସ ଦଳ ୨ ୱିକେଟ ଓ ୪୩ ରନରେ ମ୍ୟାଚରେ ବିଜୟୀ ହୋଇଛି। ଆକାଶ ପାତ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଛି। ବି.ଏସ.ରାଓ ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ସୁବାସ ଭୋଇନା ଓ ଶ୍ରୀବନ୍ତ ନାୟକ ମ୍ୟାଚ ପରିଚାଳନା କରିଥିଲେ। ଦିନେଶ ଘିବିଲା ଓ ବିଶନାଥ ନାୟକ ସ୍କୋରର ଭାବେ ଦାୟିତ୍ୱ ତୁଲାଇ ଥିଲେ। ଜିଲା କ୍ରିକେଟ ସଂଘ ସମ୍ପାଦକ ପ୍ରଦୀପ ସେଠୀ, ଏସପିଏଲ ଅଧ୍ୟକ୍ଷ ବି ସତ୍ୟ ନାରାୟଣ ରାଓ, ସମ୍ପାଦକ ନବ ପ୍ରକାଶ ମିଶ୍ର, ଏସଡିସିଏ କୋଚ ରାଜେନ୍ଦ୍ର ମିଶ୍ର ଓ ପ୍ରାକ୍ତନ ଖେଳାଳି ଆଶିଷ ମଲ୍ଲିକ ସହଯୋଗ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘର ୪ଦଫା ଦାବିପତ୍ର



ବୈଠକରେ ଉପସ୍ଥିତ ପ୍ରାଥମିକ ଶିକ୍ଷକମାନେ।

**ସୋନପୁର,୪।୬(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ଆନୁକୂଲ୍ୟରେ ଜିଲାରେ କାର୍ଯ୍ୟରତ ସମସ୍ତ ଶିକ୍ଷକ ମାନଙ୍କୁ ନେଇ ସୁବର୍ଣ୍ଣମେରୁ ମନ୍ଦିର ପ୍ରାଙ୍ଗଣରେ ଏକ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷକ ନେତା ହୃଷୀକେଶ ଚାନ୍ଦଙ୍କ ଆବାହକତ୍ୱରେ ଅନୁଷ୍ଠିତ ବୈଠକରେ ବରିଷ୍ଠ ଶିକ୍ଷକ ସୁରେଶ ପଧାନ ସଭାପତିତ୍ୱ କରିଥିଲେ। ସହ ଆବାହକ ଗୋପେଶ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୋଳଗୋବିନ୍ଦ ପଣ୍ଡା, ପ୍ରାଣବନ୍ଧୁ ସାହୁ, ପ୍ରଦୀପ ଗଣିକ, ମନୋଜ କର୍ମୀ, ବିଶ୍ୱବିହାରୀ ମିଶ୍ର, ଦାଶରଥୀ ନାଏକ, ସିନ୍ନିବାଶ ରଥ, ବ୍ୟୋମକେଶ ତ୍ରିପାଠୀ, ଶ୍ରବଣ ବାରିକ ଓ ନରେନ୍ଦ୍ର ନାଗ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସଂଘର ଚାରିଗୋଟି ଦାବି ଯଥା ଦୁଇବର୍ଷ ହେବ ବନ୍ଦ ପଡ଼ିଥିବା ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିକୁ ତ୍ୱରାନ୍ୱିତ କରିବା ସହ ୧୧।୦୧।୨୦୧୧ ପୂର୍ବରୁ ନିଯୁକ୍ତ ଶିକ୍ଷକଙ୍କ ପଦୋନ୍ନତି କ୍ଷେତ୍ରରେ ଓଟିଇଟିକୁ ଯୋଗ୍ୟତାର ମାପକାଠି କରା ନ ଯିବା, ଶିକ୍ଷା ସହାୟକ ଏବଂ କନିଷ୍ଠ ଶିକ୍ଷକ ଭାବେ କାର୍ଯ୍ୟ କରିଥିବା ୬ରୁ ୮ବର୍ଷ କାର୍ଯ୍ୟକାଳକୁ ଚାକିରିରେ ଗଣନା କରି ମୂଳ ଦରମା ନିର୍ଦ୍ଧାରଣ କରିବା, ସମସ୍ତ ଶିକ୍ଷକଙ୍କୁ ସ୍ୱାସ୍ଥ୍ୟ ବୀମା ଅନ୍ତର୍ଭୁକ୍ତ କରି ଆୟୁଷ୍ମାନ ଯୋଜନାରେ ସାମିଲ କରିବା ଏବଂ ଅବସର ପରେ ସୁରକ୍ଷିତ ଭବିଷ୍ୟତ ପାଇଁ ନୂତନ ପେନସନ ବଦଳରେ ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ନେଇ ଆଲୋଚନା ହୋଇଥିଲା। ବୈଠକ ପରେ ୪ଦଫା ସମ୍ବଳିତ ଦାବିପତ୍ର ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲା ଶିକ୍ଷା ଅଧିକାରୀ ମିନାରାଣୀ ମଙ୍ଗଲଙ୍କ ଜରିଆରେ ପ୍ରଦାନ କରାଯାଇଛି।

# ବକେୟା ପ୍ରକଳ୍ପ କାର୍ଯ୍ୟ ଶୀଘ୍ର ସାରିବାକୁ ନିର୍ଦ୍ଦେଶ



ଅନୁଦାନ ଖର୍ଚ୍ଚର ସମୀକ୍ଷା ବୈଠକରେ ଅଧିକାରୀମାନେ।

- ଡବ୍ଲ୍ୟୁଓଡିସି ଅନୁଦାନ ଖର୍ଚ୍ଚ ସମୀକ୍ଷା କଲେ ଅଧିକାରୀ
- ବିଭିନ୍ନ ପ୍ରକଳ୍ପର କ୍ଷେତ୍ର ପରିଦର୍ଶନ

**ବୀରମହାରାଜପୁର, ୪।୬ (ଯୁଗଳ କିଶୋର ମିଶ୍ର)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସଭାଗୃହରେ ବୁଧବାର ସକାଳ ୮ଟାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ(ଡବ୍ଲ୍ୟୁଓଡିସି) ଅନୁଦାନ ଖର୍ଚ୍ଚର ସମୀକ୍ଷା କରିଥିଲେ ଏକାଉଣ୍ଟ ଅଧିକାରୀ ଯୁଗଳ କିଶୋର ପାଣିଗ୍ରାହୀ। ଏହି ସମୀକ୍ଷା ବୈଠକରେ ସୁବର୍ଣ୍ଣପୁର ଜିଲା ଯୋଜନା ଅଧିକାରୀ ରୋସନ ଶିନ୍ଧି, ବୀରମହାରାଜପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ରାଜୀବ କୁମାର ହାଁସଦା, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବନାଥ ମାଝୀ, ବ୍ଲକ ଉପାଧ୍ୟକ୍ଷ ନାରାୟଣ ଲୁହା ମଞ୍ଚାସୀନ ଥିଲେ। ବୀରମହାରାଜପୁର ବ୍ଲକ ପାଇଁ ପଶ୍ଚିମ ଓଡିଶା ବିକାଶ ପରିଷଦ ତରଫରୁ ୪୦୫ ପ୍ରକଳ୍ପ ପାଇଁ ୧୯୯୯-୨୦୦୦ରୁ ୧୮କୋଟି ୧୧ ଲକ୍ଷ ୬୨ ହଜାର ୬୦୪ ଟଙ୍କା ଅନୁଦାନ ଦିଆଯାଇଥିଲା। ସେଥିମଧ୍ୟରୁ ୧୨ କୋଟି ୭୯ ଲକ୍ଷ ୨୬ ହଜାର ପ୍ରକଳ୍ପ କାର୍ଯ୍ୟ ସରିଥିବା ବେଳେ ଆହୁରି ୫କୋଟି ୫୨ ଲକ୍ଷ ଟଙ୍କାର ପ୍ରକଳ୍ପ କାର୍ଯ୍ୟ ଚାଲୁ ରହିଛି ବୋଲି ସମୀକ୍ଷାରୁ ଜଣାପଡିଛି। ବାକି ରହିଥିବା ପ୍ରକଳ୍ପକୁ ଅତିଶୀଘ୍ର ସାରିବାକୁ ନିର୍ଦ୍ଦେଶ ଦେଇଛନ୍ତି ପାଣିଗ୍ରାହୀ। ସମୀକ୍ଷା ବୈଠକ ପରେ ଆମ୍ବେଦକର ସେବାସଂଘଠାରେ କାର୍ଯ୍ୟ ଚାଲୁଥିବା କଲ୍ୟାଣ ମଣ୍ଡପ, ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ପାଖରେ ଚାଲିଥିବା ଦୋକାନ ଗୃହ, କମଳପୁର କଲ୍ୟାଣ ମଣ୍ଡପ, ମହାନଦୀ ନେତ୍ର ଚିକିତ୍ସାଳୟ ଗୃହ, ବାଗବରଠାରେ ଚାଲିଥିବା କଲ୍ୟାଣ ମଣ୍ଡପ ଓ ମୁଖ୍ୟ ମନ୍ତ୍ରୀ ସଭାଗୃହର କାର୍ଯ୍ୟର ଅଗ୍ରଗତି କେତେ ହୋଇଛି ସେ ପରିଦର୍ଶନ କରିଥିଲେ। ଏହି ସମୀକ୍ଷା ବୈଠକ ଓ କ୍ଷେତ୍ର ପରିଦର୍ଶନ ବେଳେ ଜିଲା ପ୍ଲାନିଙ୍ଗ ବିଭାଗ ଅଧିକାରୀ ନିର୍ମଳ ମେର୍ଲି, ଏଇଆଇ ସୁରେଇ ମାଝି, ବ୍ଲକ ସେକ୍ସନ ଅଫିସର ନାଏକ, କୋଷାଧ୍ୟକ୍ଷ ବିଶ୍ୱନାଥ ଶତପଥୀ, କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ ମହାପାତ୍ର, ଦେବବ୍ରତ ବେହେରାଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ସାମିଲ ହୋଇଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.18/ET/SBP/ENGG/ 2025-26, ତା.30.05.2025ରିଖ

(1)ଇ-ଟେଣ୍ଡର ସଂ.11-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 110 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ହାଇଡ୍ରୋଲିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :9,51,90,150/, ବିଡ୍ ସିକ୍ୟୁରିଟି (ଟଙ୍କାରେ): 6,26,000/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ): 11,800/-।

(2)ଇ-ଟେଣ୍ଡର ସଂ.15-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳର ମଣ୍ଡଳ ଯନ୍ତ୍ରୀ/ସେଣ୍ଟ୍ରାଲ ଏବଂ ମଣ୍ଡଳ ଯନ୍ତ୍ରୀ/ପୂର୍ବ ପରିସୀମା ଅଧୀନରେ 58 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 8,84,54,222.40, ବିଡ୍ ସିକ୍ୟୁରିଟି (ଟଙ୍କାରେ): 5,92,300/-, ଟେଣ୍ଡର ଫର୍ମର ମୂଲ୍ୟ (ଟଙ୍କାରେ) : 11,800/-।

(3)ଇ-ଟେଣ୍ଡର ସଂ.14-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ 17 ସଂଖ୍ୟକ କର୍ଭରେ ଟ୍ରାକ୍ ମାଉଣ୍ଟେଡ୍ ଅଟୋମେଟିକ୍ (ଇଲେକ୍ଟ୍ରୋନିକ୍ ଟାଇପ୍) ଗେଜ୍ ଫେସ୍ (Gauge face) ଲୁବ୍ରିକେଟରଗୁଡ଼ିକର ସଂସ୍ଥାପନ।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) : 2,41,62,300.60, ବିଡ୍ ସିକ୍ୟୁରିଟି (ଟଙ୍କାରେ): 2,70,900/-,ଟେଣ୍ଡର ଫର୍ମର ମୂଲ୍ୟ(ଟଙ୍କାରେ): 11,800/-।

(4)ଇ-ଟେଣ୍ଡର ସଂ.26-eT-DENE-SBP-25
କାର୍ଯ୍ୟର ନାମ : ସମ୍ବଲପୁର ମଣ୍ଡଳରେ ପଏଣ୍ଟ ଏବଂ କ୍ରସିଙ୍ଗଗୁଡ଼ିକର MCI ଇନ୍‌ସର୍ଟର ଇନ୍-ସିଟୁ (In-situ) ରିକଣ୍ଡିସନିଙ୍ଗ୍।
କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :5,07,05,779.20, ବିଡ୍ ସିକ୍ୟୁରିଟି (ଟଙ୍କାରେ): 4,03,500/-।

କାର୍ଯ୍ୟ ଶେଷ ହେବା ଅବଧି : 66 ମାସ (କ୍ରମ ସଂ.1 ରୁ 3 ପର୍ଯ୍ୟନ୍ତ) ଏବଂ 24 ମାସ (କ୍ରମ ସଂ.4 ପାଇଁ)।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :ତା.26.06.2025 ରିଖ 1500 ଘଣ୍ଟିକାରେ (ସମସ୍ତ ଟେଣ୍ଡର ପାଇଁ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମଣ୍ଡଳ ରେଳ ପ୍ରବନ୍ଧକ (ଇଞ୍ଜିନିୟରିଙ୍ଗ୍), ସମ୍ବଲପୁର
PR-197/Q/25-26



**WATCO**
**OFFICE OF THE MANAGING DIRECTOR**
Ground Floor, Unnati Bhawan,
H.B. Colony, Satyanagar, Bhubaneswar-751007, Odisha, India
Telefax:- +91-674-2571444, E-mail: directorprojects@watcoodisha.in
No.C-419
**INVITATION FOR BID (IFB)**
Bid Identification No. WATCO (P)-02/2025-26, Dtd.29.05.2025
WATCO No.3756, Date:29.05.2025

1. Name of the Work : 1. Annual maintenance of Facultative Pond, Wet well and Pumping Station at Basuaghai, STP Campus, Under sewerage Dist-II, Bhubaneswar.
2. Estimated Cost : Rs.35.66 Lakh.
3. Period of Completion : 01 (One) Years
4. Date & Time of availability of bid document in the portal : From 5.00 PM of Dt.05.06.2025 to 5.00 PM of 20.06.2025
5. Last date/time of receipt of bids in the portal : 5.00 PM of 20.06.2025
6. Date & Time of opening of technical bids : 12.30 PM of 21.06.2025
7. Name and address of the Officer Inviting Bid : DIRECTOR PROJECTS, WATCO, Telefax:-0674-2571444, E-Mail:directorprojects@watcoodisha.in
8. The bidders have to participate in ONLINE bidding only.

Further details can be seen from the website www.tendersodisha.gov.in
OIPR- Sd./- (Director Projects) WATCO



**OFFICE OF THE PRINCIPAL**
**GOVERNMENT COLLEGE, SUNDARGARH**
No. 1381 **ADVERTISEMENT** Date: 04.06.2025

A Walk-in-Interview will be conducted on 19.06.2025, 20.06.2025 and 21.06.2025 for the session 2025-26 for engagement of Guest Faculty in different **UG, PG and B.Ed. Subjects** at Government College, Sundargarh.
Reporting Time: **10.00 A.M. to 11.00 A.M.** & Time of Interview: **11.00 A.M. onwards**
Interested candidates may attend the interview with all required documents on scheduled date and time mentioned above. The undersigned reserves the right to cancel part or whole of the Walk-in-Interview without assigning any reason thereof. No TA/DA is admissible for attending the interview. For more details visit the College website i.e. **govtcollegesundargarh.ac.in**.
Sd./- Principal, Government College, Sundargarh



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
No. A-249 **AUL EMBANKMENT DIVISION, AUL**
Dist.: Kendrapara, Odisha - 754219, Tel/Fax: 06729-295188
Mail id: aulembankment@gmail.com
**'e' Procurement Notice No. AED-04 of 2025-26**

1. No. of the Work : 14 Nos. Flood Control & Road Works
2. Tender Cost : Varies from Rs.46,41,339.00 to 84,67,033.00
3. Bid document cost : Rs.6000.00 to 10000.00
4. Bid Security : Varies from Rs.46,500.00 to 84,700.00
5. Class of Contractor : B Class
6. Period of Completion : Six Calendar Months
7. Other details are as follows

| Procurement Officer | Bid Identification No. | Availability of Tender Online for Bidding | | Date of Opening of Technical Bid |
|---|---|---|---|---|
| | | From | To | |
| Superintending Engineer, Aul Embankment Division, Aul | AUL 01 of 2024-25 to AUL 14 of 2024-25 (14 Nos. Work) | 06.06.2025 10.00 A.M. | 16.06.2025 5.00 P.M. | 17.06.2025 11.00 A.M. |

8. e-mail Id : **aulembankment@gmail.com**
9. If required Lottery will be held on Dtd.08.07.2025 at 11.00 A.M.

Further detail conditions can be seen from the Govt. website **www.tendersodisha.gov.in**.
OIPR- Sd./- Superintending Engineer Aul Embankment Division, Aul



**OFFICE OF THE EXECUTIVE ENGINEER**
**ROAD CONSTRUCTION DEPARTMENT**
**ROAD DIVISION, DUMKA**
Very-Very Short Time
2nd Call PR. NO 352760 Road(25-26):D
e-Procurement Notice
Tender Reference No. RCD/DUMKA/938Date 04.06.2025

| | | |
|---|---|---|
| 1 | Name of Work | Surface Renewal of different Roads under Basukinath Dham area including Paver Block Laying, Road Marking, Installation of Sign Boards, Painting of various culverts, Bridges, trees, Flank Repair and cleaning work under Non Plan (Shrawani Mela 2025) for the year 2025-26. |
| 2 | Estimated cost(In Rs) | Rs 1,73,97,239.00 |
| 3 | Time of completion | Three Months |
| 4 | Date of Publication of Tender on Website | 06.06.2025 at 10.30 AM |
| 5 | Last date/Time for receipt of bids | 12.06.2025 Up to 12.00 Noon |
| 6 | Date of opening of Tender | 13.06.2025 at 12.30 PM |
| 7 | Name & address of office Inviting tender | Office of The Executive Engineer Road Construction Department Road Division, Dumka. |
| 8 | Contact no. of Procurement Officer | 8252424164 |
| 9 | Helpline number of e-Procurement cell | 0651-2401010 |

Further details can be seen on website http://jharkhandtenders.gov.in
Executive Engineer, Road Construction Department, Road Division, Dumka
PR 354211 Road(25-26).D



**वरीय पुलिस अधीक्षक का कार्यालय**
**पूर्वी सिंहभूम, जमशेदपुर**
लापता: आवश्यक सूचना



**गुमशुदा पुरूष मो0 उमर, उम्र–करीब 35 वर्ष**

सर्व साधारण को सूचित किया जाता है कि आवेदक अब्दुल रासीद के द्वारा अपने छोटे भाई **मो0 उमर, उम्र–करीब 35 वर्ष** की गुमशुदगी के संबंध में संबंधित थाना मानगो में लिखित आवेदन दिया गया है। आवेदन में इनके द्वारा बताया गया है कि **छोटा भाई मो0 उमर, उम्र–करीब 35 वर्ष, पिता–अब्दुल मजीद, पता–मकान नं0–205, रोड नं0–13, थाना–मानगो, जिला–पूर्वी सिंहभूम, जमशेदपुर** जो दिनांक–27.05.2025 को समय रात करीब 10:00 बजे घर से बिना बताये कहीं चला गया है लेकिन अभी तक वापस नहीं लौटा है। आवेदक एवं इनके परिवारवालों के द्वारा अपने स्तर से काफी खोजबीन किया गया परन्तु कुछ पता नहीं चल सका। **गुमशुदा पुरूष का हुलिया निम्न प्रकार है:–उम्र–35 वर्ष, कद–05 फीट, रंग–गोरा, बाल–काला, ऑख–काला, पहनावा–कुर्त्ता–पैजामा, भाषा–हिन्दी।**

अतः आप सभी जन साधारण से अनुरोध है कि यदि उपरोक्त हुलिये के संबंध में किसी प्रकार की जानकारी प्राप्त होती है तो इसकी सूचना वरीय पुलिस अधीक्षक के कार्यालय में निम्नांकित फोन नम्बर पर सूचित करें।

वरीय पुलिस अधीक्षक, पूर्वी सिंहभूम, जमशेदपुर : 0657–2431006
पुलिस अधीक्षक (नगर), पूर्वी सिंहभूम, जमशेदपुर : 9471190203
पुलिस उपाधीक्षक, मु0–01 : 9431706481
थाना प्रभारी, मानगो : 9431706488

वरीय पुलिस अधीक्षक, पूर्वी सिंहभूम, जमशेदपुर
PR 354233 Police(25-26).D



See Career Appointment on every Wednesday & Saturday



Govt. of Jharkhand
**OFFICE OF THE EXECUTIVE ENGINEER**
Field Survey Division, Advance Planning, Road Construction Department, Nirupan Bhawan, 4th floor, 56-Set Chowk, Doranda, Ranchi-834002
e-mail--- eercdapfsdran-jhr@nic.in
**e-Procurement very Short Notice**
e-Tender Reference No .-RCD/FSD /AP/ RAN/04/25-26 Dated 03.06.2025

| | | |
|---|---|---|
| 1- | Name of Work | Consultancy services for preparation of Detailed project report for construction of- Bakutoli - Kurkura- Bano road including replacement of culverts and bridges, proposal of new culverts and bridges etc., complete Land Acquisition Proposal including ownership details, Resettlement and Rehabilitation Proposal and Forest Diversion Proposal including clearance of all stages etc as required all complete as per latest guidelines, at Gumla in the state of Jharkhand from Consultants empanelled in Category-I with the Road Construction Department, Government of Jharkhand vide letter no -3063(S) W.E dated 22-08-2022 are allowed to bid. |
| 2- | Tentative Length | 34.650 KM |
| 3- | Work completion time | 60 Days |
| 4- | Cost of Tender Document & Earnest Money Deposit (EMD) | **Cost of Tender Document** - Rs 5,000/- (Rupees Five Thousand) (Non-Refundable) through online mode only. **EMD :-** Rs 70,000/- (Rupees Seventy Thousand) through online mode only. As per the Departmental Letter no.-4652(S) dated 06.10.2023, cost of tender document and Earnest Money Deposit will be received in online mode only through e-procurement portal (https://jharkhandtenders.gov.in ) by Internet banking/ NEFT/ RTGS facility as per Standard Operating Procedure (SOP) issued by Information Technology & e-Governance Department, Government of Jharkhand vide letter no- 120 dated 03.10.2023. |
| 5- | Date and Time of Publishing of Tender on official website | 06.06.2025, 05.00 PM |
| 6- | Last date and Time of submission of Tender (With Tender Fee and EMD) | 16.06.2025, 12.30 PM |
| 7- | Date and Timing of Bid opening | 17.06.2025, 12.30 PM |
| 8- | Tender Inviting Authority | Executive Engineer, Field Survey Division, Advance Planning, RCD, Ranchi, Nirupan Bhavan, 56 set Chowk, Doranda, Ranchi-834002, Mobile No-8051090751 |
| 9- | Mode of Bid Submission | e-Tendering (http://jharkhandtenders.gov.in) |

For further information please go through the website http://jharkhandtenders.gov.in
Executive Engineer, Field Survey Division, A.P, Road Construction Department, Ranchi
PR 354255 Road (25-26)_D

# ଉପୁଡ଼ିଲା ଗଛ, ଭାଙ୍ଗିଲା ବିଦ୍ୟୁତ୍ ଖୁଣ୍ଟ

- ଉପଖଣ୍ଡ ଚିକିତ୍ସାଳୟକୁ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ
- ବଣାଇଁରେ କାଳବୈଶାଖୀ ତାଣ୍ଡବ

ବଣାଇଁ,୪।୬(ପ୍ରଦୀପ ତ୍ରିପାଠୀ): ବଣାଇଁ ତଥା ଆଖପାଖ ଅଞ୍ଚଳରେ ବୁଧବାର କାଳ ବୈଶାଖୀ ତାଣ୍ଡବ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ବଣାଇଁ ସହର ଚିକିତ୍ସାଳୟ ନିକଟରେ ଏକ ବିରାଟକାୟ ଗଛ ଉପୁଡ଼ି ପଡିବା ଫଳରେ ତଳେ ଥିବା ଏକ ବାଇକ ଭାଙ୍ଗି ଚୂରମାର ହୋଇଯାଇଛି। ଅନେକ ଲୋକେ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ବିଦ୍ୟୁତ ଖୁଣ୍ଟଗୁଡିକ ଉପୁଡ଼ି ଯିବା କାରଣରୁ ଉପଖଣ୍ଡ ଚିକିତ୍ସାଳୟକୁ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୋଇଯାଇଛି। ସହରରେ କେତେକ ଉଠା ଦୋକାନୀଙ୍କ ମଧ୍ୟ ବ୍ୟାପକ କ୍ଷୟକ୍ଷତି ହୋଇଛି। ଅଗ୍ନିଶମ ବାହିନୀ, ପୋଲିସ ଓ ବନବିଭାଗ ସହିତ ବିଦ୍ୟୁତ ବିଭାଗ ପକ୍ଷରୁ ଯୁଦ୍ଧକାଳୀନ ଭିତ୍ତିରେ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଉଛି ।




ଗଛ ପଡି ବାଇକ୍ ଭାଙ୍ଗିଯାଇଛି।

# ନିଶାମୁକ୍ତ ସମାଜ ଗଠନ କରିବାକୁ ଆହ୍ୱାନ




ସଚେତନତା ରଥର ଶୁଭାରମ୍ଭ କରାଯାଉଛି।

ଭବାନୀପାଟଣା,୪।୬ (ଉତ୍ତମ କୁମାର ଦାଶ)

ଏକ ସୁସ୍ଥ ଓ ସୁନ୍ଦର ସମାଜ ଗଠନ କରିବା ଦିଗରେ ନିଶା ପ୍ରତିବନ୍ଧକ ସୃଷ୍ଟି କରିଥାଏ। ନିଶା ସେବନର କୁପରିଣାମ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ବୁଧବାର କଳାହାଣ୍ଡି ଜିଲା ଅବକାରୀ ବିଭାଗ ତରଫରୁ ନିଶା ନିବାରଣ ସଚେତନତା ରଥ 'ଆମ ସଂକଳ୍ପ ନିଶା ନୁହେଁ ଜୀବନ'କୁ ଭବାନୀପାଟଣାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲାପାଳ ପାୱାର ସଚିନ ପ୍ରକାଶ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ନିଶାମୁକ୍ତ ସମାଜ ଜିଲା ଗଠନରେ ସମସ୍ତେ ସଚେତନ ହୋଇ ସହଯୋଗ କରିବା ପାଇଁ ଜିଲାପାଳ ଆହ୍ୱାନ ଦେଇଥିଲେ। ଏହି ସଚେତନତା ରଥ ଜିଲାର ସମସ୍ତ ବ୍ଲକ, ପଞ୍ଚାୟତ ପରିକ୍ରମା କରି ଜନସଚେତନତା ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନ, ପ୍ରୋବେଶନରେ ଥିବା ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଅନିମେସ ପ୍ରଧାନ, ଜିଲା ଅବକାରୀ ଅଧୀକ୍ଷକ ରଞ୍ଜନ କୁମାର ନାୟକ, ଜିଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ରୂପ ସିଂ ରାଉତଙ୍କ ସମେତ ଜିଲା ଅବକାରୀ ବିଭାଗ ଅଧିକାରୀ, କର୍ମଚାରୀ ଯୋଗଦେଇଥିଲେ।

# ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଲକ୍ଷ୍ୟପୂରଣ କରିବାକୁ ଆହ୍ୱାନ

ସୁନ୍ଦରଗଡ,୪।୬(ଜୟ ନାରାୟଣ ମେଣ୍ଢୁଲି): କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ଏବଂ ଭାରତୀୟ କୃଷି ଗବେଷଣା ପରିଷଦ (ଆଇ.ସି.ଏ.ଆର) ଦ୍ୱାରା ଆରମ୍ଭ କରାଯାଇଥିବା ୧୫ ଦିନିଆ ବିକଶିତ କୃଷି ସଂକଳ୍ପ ଅଭିଯାନ କ୍ରମରେ ବୁଧବାର ସବ୍‌ଡେଗା ବ୍ଲକର ରସରାଜପୁର ଓ ଯମୁନା ଗ୍ରାମରେ, ବାଲିଶଙ୍କରା ବ୍ଲକର ବିରକାଲଡିହି ଏବଂ ବେହେରାଡିହି ଗ୍ରାମରେ ଚାଷୀଙ୍କୁ ନେଇ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ ବିଭିନ୍ନ ସରକାରୀ ଯୋଜନାର ଲାଭ ଉଠାଇବାକୁ ପରାମର୍ଶ ଦେଇଥିଲେ। ଏହି ଅଭିଯାନ ଗତ ୩ ତାରିଖରେ କୁତ୍ରା ବ୍ଲକର କଟଙ୍ଗ ଓ ରାଜାବସା ଗ୍ରାମରେ ଏବଂ ରାଜଗାଙ୍ଗପୁର ବ୍ଲକର କୁନୁମୁରୁ ଓ ଜଉରାମାଲ ଗ୍ରାମରେ ଅନୁଷ୍ଠିତ ହୋଇଥିଲା। ରାଜଗାଙ୍ଗପୁର ବିଧାୟକ ଡା. ସି. ଏସ. ରାଜନ ଏକ୍କା କୁନୁମୁରୁଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିକଶିତ କୃଷି ସଙ୍କଳ୍ପ ଅଭିଯାନର ଲକ୍ଷ୍ୟପୂରଣ କରିବା ପାଇଁ ଚାଷୀଭାଇଙ୍କୁ ଆହ୍ୱାନ କରିଥିଲେ। ଏହି ବିକଶିତ କୃଷି ସଂକଳ୍ପ ଅଭିଯାନରେ ପ୍ରାକ୍ ଖରିଫ ମୌସୁମୀର ଆଗାମୀ ସୂଚନା, ପ୍ରାକୃତିକ କୃଷିର ପ୍ରୋତ୍ସାହନ, କୃଷି କ୍ଷେତ୍ରରେ ଡ୍ରୋନର ବ୍ୟବହାର, ଜଳବାୟୁ ଅନୁକୂଳ ବିହନ, ରାସାୟନିକ ସାରର ଉପଲବ୍ଧତା, ବିଭିନ୍ନ ସରକାରୀ ଯୋଜନା, ଉନ୍ନତ ଜ୍ଞାନ କୌଶଳ ବ୍ୟବହାର କରି ବିଭିନ୍ନ ଫସଲର ଉତ୍ପାଦନ ଓ ଉତ୍ପାଦିକତା ବୃଦ୍ଧି ଏବଂ ମୃତ୍ତିକା ସ୍ୱାସ୍ଥ୍ୟକାର୍ଡର ବ୍ୟବହାର କରି ଠିକ୍ ପରିମାଣର ସାର ପ୍ରୟୋଗ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଚାଷୀଙ୍କୁ ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ, ବିଭିନ୍ନ ସରକାରୀ ଯୋଜନାର ପତ୍ରିକା, କିସାନ ସାରଥି ପତ୍ରିକା ଏବଂ ପ୍ରାକ୍ ଖରିଫ ପରାମର୍ଶ ପତ୍ରିକା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିଲା କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ମୁଖ୍ୟ ଜିଲା କୃଷି ଅଧିକାରୀ ଲାଲ ବିହାରୀ ମଲ୍ଲିକ ଓ କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ର ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନଙ୍କ ସମେତ ଜାତୀୟ ଧାନ ଗବେଷଣା କେନ୍ଦ୍ରର ବୈଜ୍ଞାନିକ, କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ-୧ର ବୈଜ୍ଞାନିକ ଓ କୃଷି ବିଭାଗର କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ।



କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

# ସ୍କୁଲ ପାଚେରି ଭାଙ୍ଗିଲା ଦନ୍ତା

ବଡ଼ଗାଁ,୪।୬(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ଼ ଜିଲା ବଡ଼ଗାଁ ଫରେଷ୍ଟ ରେଞ୍ଜ ଅଞ୍ଚଳକୁ ପ୍ରାୟ ୨୦ଦିନ ପୂର୍ବେ ପଶି ଆସିଥିବା ଏକ ଦନ୍ତା ମହାବୀର ପର୍ବତରେ ଅବସ୍ଥାନ କରିଆସୁଛି। ଶାନ୍ତ ଥିବା ଏହି ଦନ୍ତା ମଙ୍ଗଳବାର ବିଳମ୍ବିତ ରାତିରେ ଉପଦ୍ରବ କରିଥିବା ଜଣାପଡ଼ିଛି। ପର୍ବତ ତଳି ସାଲେପାଲି ଗ୍ରାମର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଅଙ୍ଗନୱାଡ଼ି କେନ୍ଦ୍ର ପାଚେରି ଭାଙ୍ଗି ଦେଇଥିବାବେଳେ ରୋଷେଇ ଗୃହ ଓ ସ୍କୁଲ କବାଟ ଭାଙ୍ଗି ଦେଇଛନ୍ତି। ଅଙ୍ଗନୱାଡି କେନ୍ଦ୍ର ସମ୍ମୁଖରେ ପିଲାଙ୍କ ପାଇଁ ଲଗାଯାଇଥିବା ଦୋଳିକୁ ଭାଙ୍ଗି ଦେଇଛନ୍ତି। ଦନ୍ତା ଉପଦ୍ରବରୁ ଗ୍ରାମବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି।



ହାତୀ ସ୍କୁଲ ପାଚେରି ଭାଙ୍ଗିଦେଇଛି।

# ଶିଶୁ ଉଦ୍ୟାନର ଭୂମି ପୂଜନ

କେସିଙ୍ଗା,୪।୬ (ଡୁମେଶ୍ୱର ସାହୁ):କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ ପରଲସିଙ୍ଗା ଗ୍ରାମପଞ୍ଚାୟତର ପଥର୍ଲା ଗ୍ରାମର ବିଶ୍ୱନାଥ ଶୈବପୀଠରେ ଶିଶୁ ଉଦ୍ୟାନ ପାଇଁ ବୁଧବାର ବିଡିଓ ଜନ୍ମେଜୟ ସ୍ୱାଇଁଙ୍କ ଦ୍ୱାରା ଭୂମିପୂଜନ ଅନୁଷ୍ଠିତ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରୁ ଏହି ପ୍ରକଳ୍ପ ପାଇଁ ୧୦ଲକ୍ଷ ଟଙ୍କା ବ୍ୟୟ ଅଟକଳ ରହିଛି। ଶିଶୁ ଉଦ୍ୟାନ ହେଲେ ଶୈବପୀଠ ପରିବେଶ ସୁନ୍ଦର ହେବା ସହ ଶିଶୁମାନଙ୍କ ଶାରୀରିକ, ମାନସିକ, ବୌଦ୍ଧିକ ସ୍ତରର ପ୍ରଗତି ହେବ ବୋଲି ବିଡିଓ କହିଥିଲେ।

# ଜନଜାତିଙ୍କ ବିଶେଷ ଉନ୍ନତି ସାଧନ ହେବ

ସୁନ୍ଦରଗଡ଼,୪।୬(ଜୟ ନାରାୟଣ ମେଣ୍ଢୁଲି)

**ଧରତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ**

